# ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ



**ଜୟପୁର, ୧୬।୭(ପବନ ପାଣିଗ୍ରାହୀ)**

ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ହୋଇପଡ଼ିଛନ୍ତି। ଫଳରେ ମଙ୍ଗଳବାର ତାଙ୍କୁ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଡାକ୍ତର ଆର୍.ଏନ୍.ମିଶ୍ର, ସୁନୀଲ ଭତ୍ରା ଓ ମୁକ୍ତିକାନ୍ତ ଖଟୁଆଙ୍କୁ ନେଇ ଗଠିତ ଏକ ଟିମ୍ ତାଙ୍କ ଚିକିତ୍ସା କରୁଛନ୍ତି। ବୟସାଧିକ ଯୋଗୁ ସେ ବାରମ୍ବାର ଅସୁସ୍ଥ ହୋଇପଡୁଛନ୍ତି। ଚଳିତ ବର୍ଷ ଜାନୁୟାରୀ ଏବଂ ମାର୍ଚ୍ଚ ମାସରେ ମଧ୍ୟ କମଳା ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ସେତେବେଳେ ତାଙ୍କୁ କଟକ ଏସ୍‌ସିବି ମେଡ଼ିକାଲ୍ କଲେଜରେ ଭର୍ତ୍ତି କରାଯାଇଥିଲା। ଜୟପୁର ଚିକିତ୍ସାଳୟରେ ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତରୀ ଟିମ୍ ପ୍ରକାଶ କରିଛନ୍ତି।

# ବାଘ ନ ଆସୁଣୁ ହରିଣଙ୍କୁ ଛାଡ଼ିଦେଲେ

**ସମ୍ବଲପୁର, ୧୬।୭(ପ୍ରମୋଦ ବହିଦାର)**

ସମ୍ବଲପୁର ପ୍ରାଣୀ ଉଦ୍ୟାନକୁ ମହାବଳ ବାଘ ଆଣିବା ପ୍ରସ୍ତାବ ଥିବାରୁ ସେଠାରୁ ଚିତ୍ରା ହରିଣଙ୍କୁ ଡେବ୍ରିଗଡ଼ ଅଭୟାରଣ୍ୟରେ ଛାଡ଼ି ଦିଆଯାଇଛି। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଅଧୀନ ସ୍ୱତନ୍ତ୍ର ଚିଡ଼ିଆଖାନା ପ୍ରାଧିକରଣର ଅନୁମୋଦନକ୍ରମେ ସମ୍ବଲପୁର ବନ୍ୟପ୍ରାଣୀ ଉଦ୍ୟାନରୁ ମୋଟ ୧୧୫ ଚିତ୍ରା ହରିଣଙ୍କୁ ସ୍ଥାନାନ୍ତର କରାଯିବାକୁ ଥିବାବେଳେ ମଙ୍ଗଳବାର ଭୋର ୩ଟାରେ ପ୍ରଥମ ପର୍ଯ୍ୟାୟରେ ୧୨ଟି ଚିତ୍ରା ହରିଣ ନିଆଯାଇଛି। ଅବଶିଷ୍ଟ ୧୦୩ ହରିଣଙ୍କୁ ଭୋରରେ ଓ ସନ୍ଧ୍ୟାରେ ପର୍ଯ୍ୟାୟକ୍ରମେ ସ୍ଥାନାନ୍ତର କରାଯିବ। ପ୍ରତି ପର୍ଯ୍ୟାୟରେ ୧୨ରୁ ୧୬ ହରିଣଙ୍କୁ ନିଆଯିବ ବୋଲି ଚିଡ଼ିଆଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୧୯୮୫ ମସିହାରେ ଡିୟର ପାର୍କ ଭାବେ ବିକଶିତ ସମ୍ବଲପୁରର ବନ୍ୟପ୍ରାଣୀ ଉଦ୍ୟାନକୁ ୨୦୨୩ ମସିହାରେ ରାଜ୍ୟର ଦ୍ୱିତୀୟ ଚିଡ଼ିଆଖାନାର ମାନ୍ୟତା ମିଳିଥିଲା। ଏହାକୁ ଏକ ପୂର୍ଣ୍ଣାଙ୍ଗ ଚିଡ଼ିଆଖାନାରେ ପରିଣତ କରିବା ଉଦ୍ଦେଶ୍ୟରେ ଏଠାରେ ମହାବଳ ବାଘ ଓ କୁମ୍ଭୀର ରଖାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ମହାବଳ ବାଘଙ୍କ ରହିବା ପାଇଁ କାଚ ପାଚେରି ନିର୍ମିତ ସ୍ୱତନ୍ତ୍ର ଯନ୍ତା ବା ଆବଦ୍ଧ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ



ସମ୍ବଲପୁର ଚିଡ଼ିଆଖାନାରୁ ସ୍ଥାନାନ୍ତରିତ ହେଉଥିବା ଚିତ୍ରା ହରିଣ।

ଦିଆଯାଇଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ)ର ଅନୁମତି କ୍ରମେ ସମ୍ବଲପୁର ଚିଡ଼ିଆଖାନାରେ ମହାବଳ ବାଘ ସହିତ କୁମ୍ଭୀର ରଖିବା ଦିଗରେ ଭିତ୍ତିଭୂମି ବିକାଶ କାମ ଆରମ୍ଭ ହୋଇଛି ବୋଲି ସମ୍ବଲପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ତଥା ସମ୍ବଲପୁର ଚିଡ଼ିଆଖାନା ନିର୍ଦ୍ଦେଶିକା ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନନ୍ଦନକାନନରୁ ୧୦ଟି କୃଷ୍ଣସାର ମୃଗ ଓ ୮ଟି ଅଣ୍ଡିରା ହରିଣ ସମ୍ବଲପୁର ପ୍ରାଣୀ ଉଦ୍ୟାନକୁ ଅଣାଯାଇଛି। ଏଠାରେ ବର୍ତ୍ତମାନ ୧୭ ପ୍ରଜାତିର ବନ୍ୟପ୍ରାଣୀ ରହୁଛନ୍ତି। ଆଗକୁ ଆହୁରି ୩୧ ନୂତନ ପ୍ରଜାତିର ବନ୍ୟପ୍ରାଣୀ ରଖି ମୋଟ ସଂଖ୍ୟା ୪୮କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ତେବେ ସ୍ଥାନାନ୍ତର ହେଉଥିବା ହରିଣମାନଙ୍କୁ ଡେବ୍ରିଗଡ଼ ଅଭୟାରଣ୍ୟର ପ୍ରାକୃତିକ ପରିବେଶ ସହିତ ପରିଚିତ ନ ହେବା ଯାଏ ୩ରୁ ୪ ସପ୍ତାହ ପର୍ଯ୍ୟନ୍ତ ୧.୨

**ସମ୍ବଲପୁର ପ୍ରାଣୀ ଉଦ୍ୟାନ**

**■ ପ୍ରଥମ ପର୍ଯ୍ୟାୟରେ ୧୨ ଚିତ୍ରା ହରିଣ ଡେବ୍ରିଗଡ଼ ଅଭୟାରଣ୍ୟକୁ ସ୍ଥାନାନ୍ତର**

ହେକ୍ଟର ପରିମିତ ବିଭିନ୍ନ ପ୍ରଜାତିର ଘାସ ଆଚ୍ଛାଦିତ ତୃଣଭୂମି ମଧ୍ୟରେ ସଙ୍ଗରୋଧରେ ରଖାଯିବ। ପରିବେଶ ସହିତ ଭଲ ଭାବେ ପରିଚିତ ହେବା ପରେ ସେମାନଙ୍କୁ ଡେବ୍ରିଗଡ଼ ଅଭୟାରଣ୍ୟ ମଧ୍ୟରେ ପ୍ରାକୃତିକ ଭାବେ ବିଚରଣ ପାଇଁ ମୁକ୍ତ କରାଯିବ। ଫଳରେ ଡେବ୍ରିଗଡ଼ ଅଭୟାରଣ୍ୟରେ ହରିଣଙ୍କ ସଂଖ୍ୟା ବୃଦ୍ଧି ପାଇବ। ଅପରପକ୍ଷରେ ବର୍ତ୍ତମାନ ଡେବ୍ରିଗଡ଼ ରାଜ୍ୟର ଏକମାତ୍ର ଅଭୟାରଣ୍ୟ, ଯେଉଁଠାରେ ପର୍ଯ୍ୟଟକଙ୍କୁ ଏକ ସୁସ୍ଥ ପରିବେଶ ମଧ୍ୟରେ ଗୟଳ, ସମ୍ବର, ବିଭିନ୍ନ ପ୍ରଜାତିର ହରିଣ, ବାର୍‌ହା, ଭାଲୁ, କଲରାପତରିଆ ବାଘ, ମୟୂର ଭଳି ବନ୍ୟଜନ୍ତୁଙ୍କୁ ଦେଖିବାର ସୁଯୋଗ ମିଳିଥାଏ ବୋଲି ବନଖଣ୍ଡ ଅଧିକାରୀ ଦାସ କହିଛନ୍ତି। ତେବେ ବାଘ ନ ଆସୁଣୁ ହରିଣଙ୍କୁ ଚିଡ଼ିଆଖାନାରୁ ବିଦା କରିବା କେତେ ଯୁକ୍ତିଯୁକ୍ତ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଲାଣି।

# ରଥରେ ଲାଗିଲା ନିଆଁ



ନିଆଁ ଲାଗିବା ପରେ ରଥରେ ଧଳା କପଡ଼ା ଗୁଡ଼ା ହୋଇଛି।

**ରେମୁଣା, ୧୬।୭(ରବୀନ୍ଦ୍ର ମହାକୁଡ଼)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ୍ ସାଆନ୍ତା ଛକରେ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥରେ ମଙ୍ଗଳବାର ପୂର୍ବାହ୍ନରେ ନିଆଁ ଲାଗି ରଥାରୂଢ଼ ଠାକୁରଙ୍କ ସମେତ ରଥ ମଧ୍ୟ ଆଂଶିକ ପୋଡ଼ିଯାଇଛି। ଶ୍ରଦ୍ଧାଳୁମାନେ ନିଆଁକୁ ଆୟତ୍ତ କରିବା ସହ ମହାପ୍ରଭୁଙ୍କୁ ନେଇ ମନ୍ଦିରରେ ରଖିଛନ୍ତି। ରଥ କମିଟିର ସଦସ୍ୟମାନେ ପୋଡ଼ି ଯାଇଥିବା ରଥର ସମସ୍ତ କାଠକୁ ବଦଳାଇବା ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୂତନ କଳେବର ନେଇ ପଣ୍ଡିତମାନଙ୍କ ସହ ଆଲୋଚନା ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ବାହୁଡ଼ା ଥିବାରୁ ମାଉସୀମା' ମନ୍ଦିରରୁ ଭକ୍ତମାନେ ରଥଟିକୁ ଟାଣି ଆଣି ମନ୍ଦିର ନିକଟରେ ପହଞ୍ଚାଇଥିଲେ। ମଙ୍ଗଳବାର ଏକାଦଶୀ ଓ ବୁଧବାର ବଡ଼ ଏକାଦଶୀ ଥିବାରୁ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମସ୍ତ ନୀତିକାନ୍ତି ରଥ ଉପରେ କରାଯିବାର ଥିଲା। ଏକାଦଶୀ ପାଇଁ ମଙ୍ଗଳବାର ପୂର୍ବାହ୍ନରେ ରଥ ଉପରେ ଭିଡ଼ ଲାଗିଥିଲା। ଭକ୍ତମାନେ ଶ୍ରଦ୍ଧା ପୂର୍ବକ ପୂଜା ସାମଗ୍ରୀ ଧରି ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରିଥିଲେ। ସାମାନ୍ୟ ଅସାବଧାନତା ଯୋଗୁ କେହି ଜଣେ ଭକ୍ତ ଦୀପ ଲଗାଇ ରଥ ଉପରେ ବସାଇ ଦେଇଥିଲେ। ଦୀପଶିଖାରୁ ରଥରେ ଥିବା ବିଭିନ୍ନ ସାମଗ୍ରୀରେ ନିଆଁ ଲାଗିଥିଲା। ଏପରିକି ତିନିଠାକୁରଙ୍କ ପିନ୍ଧା ଲୁଗାରେ ମଧ୍ୟ ନିଆଁ ଲାଗିଯାଇଥିଲା। ଭକ୍ତ ଓ ପୂଜକମାନେ ଏହା ଦେଖି ନିଆଁକୁ ଆୟତ୍ତ କରିବା ସହ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଣି ମନ୍ଦିରର ଏକ ପାର୍ଶ୍ୱରେ ରଖିଛନ୍ତି। ରଥରେ ପୋଡ଼ି ଯାଇଥିବା କାଠଗୁଡ଼ିକୁ ପରିବର୍ତ୍ତନ କରାଯାଇଛି। ରଥର ମଣ୍ଡପକୁ ଧଳା କପଡ଼ାରେ ଗୁଡ଼ାଯାଇ ଆବଦ୍ଧ କରାଯାଇଛି। ଅତିଶୀଘ୍ର ନୀତିନିୟମ ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୁନଃ ପ୍ରତିଷ୍ଠା କରାଯିବ ବୋଲି କମିଟି ସୂଚନା ଦେଇଛି।

# ଯାଜପୁରରୋଡ୍-ଧାମରା ରେଳପଥର ଡିପିଆର ଦାଖଲ

ଯାଜପୁର, ୧୬।୭(ହର୍ଷବର୍ଦ୍ଧନ ବେହେରା) : ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ଯାଜପୁରରୋଡ୍-ଧାମରା(ଭାୟା ଯାଜପୁର ଟାଉନ ଓ ଆରଡ଼ି) ନୂତନ ରେଳପଥର ଡିପିଆର(ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପୂର୍ବତଟ ରେଳପଥ ପକ୍ଷରୁ ମଞ୍ଜୁରୀ ପାଇଁ ରେଲୱେ ବୋର୍ଡକୁ ପ୍ରେରଣ କରାଯାଇଛି। ଏଥିପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ସମେତ ଅନ୍ୟାନ୍ୟ ସମସ୍ତ କର୍ତ୍ତୃପକ୍ଷଙ୍କ ପ୍ରତି ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସମିତିର ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଆବାହକ ସନ୍ତୋଷ ଦାସ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ନାୟକ,ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ମଳୟ ପଣ୍ଡା, ସତ୍ୟପ୍ରକାଶ ବେହୁରିଆ, ଦିବ୍ୟସିଂହ ନାୟକ, ପ୍ରଫୁଲ୍ଲ ନାୟକ, ସୁରେନ୍ଦ୍ର କୁମାର ରାୟ, ପ୍ରଫୁଲ୍ଲ ପାଢ଼ୀ, ଦେବେନ୍ଦ୍ର ପଣ୍ଡା, ବିଜୟ ପରିଡ଼ା, ସରୋଜ ବିଶ୍ୱାଳ, ଚନ୍ଦ୍ରଶେଖର ନାୟକ, ଦିଲୀପ ଦଳେଇ, ଦେବେନ୍ଦ୍ର ନାୟକ, ଧନଞ୍ଜୟ ରାଉତରାୟ, ଗୟାଧର ଧଳ, ମଳୟ ଭୋଇ, ଲଳିତ ରାୟ, ଶୁଭ୍ରାଂଶୁଶେଖର ରାୟ, ନିର୍ମଳ ରଥ, ଗଣେଶ ସାହୁ, ରାକେଶ ସାହୁ, ବିଜୟ ନାୟକ, ହରିଶ୍ଚନ୍ଦ୍ର ପଣ୍ଡା, ଅବିନାଶ ମହାପାତ୍ର, ଆଲୋକ ମହାନ୍ତି ଓ କୋଷାଧ୍ୟକ୍ଷ ଦେବବ୍ରତ ମହାନ୍ତି ପ୍ରମୁଖ ଡିପିଆର ଦାଖଲ ଯୋଗୁ ନୂତନ ରେଳପଥ ନିର୍ମାଣ ଦାବି ହାସଲରେ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି ଏବଂ ଆଶା ଜାଗ୍ରତ ହୋଇଛି ବୋଲି କହିଛନ୍ତି। ଏହି ସଂଗ୍ରାମକୁ ଶକ୍ତିଶାଳୀ କରି ନିର୍ଣ୍ଣାୟକସ୍ତରରେ ପହଞ୍ଚାଇବାରେ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ଖବରଦାତା ବନ୍ଧୁମାନେ ତଥା ଜନସାଧାରଣ ଯେଉଁ ଭୂମିକା ଗ୍ରହଣ କରିଛନ୍ତି ସେଥିପାଇଁ ସମିତି ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ତେବେ ଡିପିଆର ମଞ୍ଜୁରୀ ଓ ପ୍ରକଳ୍ପ ନିର୍ମାଣ ପାଇଁ ବଜେଟ୍‌ରେ ବ୍ୟୟବରାଦ ସମିତିର ପରବର୍ତ୍ତୀ ପଦକ୍ଷେପ ହେବ ବୋଲି ସୂଚନା ଦିଆଯାଇଛି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କିଡ୍‌ନୀ ଦାନ କରି ୨ ଜୀବନ ବଞ୍ଚାଇଲେ ବୀରେନ୍ଦ୍ର

**କଟକ/ରଘୁନାଥପୁର, ୧୬।୭(ଶିଳ୍ପା ପ୍ରିୟଦର୍ଶିନୀ/ରାଜେନ୍ଦ୍ର ନାରାୟଣ ସିଂହ)**

ଏସ୍‌ସିବି ମେଡିକାଲରେ ସୋମବାର ବିଳମ୍ବିତ ରାତିରେ କାଡାଭରିକ ପଦ୍ଧତିରେ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଦୀର୍ଘବର୍ଷ ଧରି ଜଟିଳ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର ଶ୍ରଦ୍ଧାଞ୍ଜଳି ପରିଡା(୫୨) ଏସ୍‌ସିବିରେ ନୂଆ ଜୀବନ ପାଇଛନ୍ତି। ସେହିପରି ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ତୁଷାରକାନ୍ତ ବାରିକ(୨୭) ମଧ୍ୟ ନୂଆ ଜୀବନ ପାଇଛନ୍ତି। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଡୁଆ ପଞ୍ଚାୟତର ବିଜେଡି ସଭାପତି ତଥା ରେଡୁଆ କୃଷି ସମବାୟ ସମିତି ବୋର୍ଡ ନିର୍ଦ୍ଦେଶକ ବୀରେନ୍ଦ୍ର ପ୍ରସାଦ ସ୍ୱାଇଁ(୫୮)ଙ୍କ ବ୍ରେନ୍ ଡେଡ୍ ଘୋଷଣା ପରେ ତାଙ୍କ ପରିବାର ଲୋକ ଦୁଇଟି କିଡ୍‌ନୀ ଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ବୀରେନ୍ଦ୍ର ରଘୁନାଥପୁର ବ୍ଲକ ଅଧୀନ ପୂରଣଓସ୍ଥିତ ଏକ ବିବାହ ଭୋଜିରେ ଯୋଗଦେଇ ଫେରୁଥିବାବେଳେ କାର୍ ଧକ୍କାରେ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମେଡିକାଲର ସେଣ୍ଟ୍ରାଲ ଆଇସିୟୁରେ ସେ ଚିକିତ୍ସିତ ହେଉଥିଲେ। ସୋମବାର ଡାକ୍ତର ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିଥିଲେ। ପରେ ମେଡିକାଲ ପକ୍ଷରୁ ଅଙ୍ଗଦାନ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଥିଲା। ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ଉଦ୍ୟମରେ ବୀରେନ୍ଦ୍ରଙ୍କ ଅଙ୍ଗଦାନ ପାଇଁ ପରିବାର ଲୋକେ ସହମତି ଜଣାଇଥିଲେ। ସୋଟୋର ନିୟମାବଳୀ ଅନୁଯାୟୀ ଅଙ୍ଗଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରେ କାଡାଭରିକ କିଡ୍‌ନୀ ପ୍ରତିରୋପଣ ନେଇ ଏସ୍‌ସିବିରେ ପ୍ରସ୍ତୁତି ଆରମ୍ଭ



**■ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଗଲା**

**■ ଶ୍ରଦ୍ଧାଞ୍ଜଳି, ତୁଷାରକାନ୍ତଙ୍କ ଶରୀରରେ ସଫଳ ପ୍ରତିରୋପଣ**

ହୋଇଥିଲା। ଏସ୍‌ସିବି ମେଡିକାଲର ଡାକ୍ତରୀ ଟିମ୍ ସମେତ ଏମ୍‌ସ ହସ୍ପିଟାଲର ଡାକ୍ତରୀ ଟିମ୍ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ରାତି ପ୍ରାୟ ୧ଟାରେ ବୀରେନ୍ଦ୍ରଙ୍କ ଶରୀରରୁ ଦୁଇଟି କିଡ୍‌ନୀ କଢ଼ାଯାଇଥିଲା। ଇତିମଧ୍ୟରେ ଯାଜପୁର ଅଞ୍ଚଳର ଶ୍ରଦ୍ଧାଞ୍ଜଳିଙ୍କୁ ଏସ୍‌ସିବି ମେଡିକାଲକୁ ଡକାଯାଇଥିଲା। ଶ୍ରଦ୍ଧାଞ୍ଜଳି ଗତ ୫ବର୍ଷ ଧରି ଜଟିଳ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ଏସ୍‌ସିବି ନେଫ୍ରୋଲୋଜି ବିଭାଗରେ ତାଙ୍କର ନିୟମିତ ଡାଏଲିସିସ ଚାଲିଥିଲାବେଳେ କିଛିଦିନ ହେବ ସେ ଯାଜପୁରରେ ଡାଏଲିସିସ କରୁଥିଲେ। ଭୋର ୫ଟାରେ ୟୁରୋଲୋଜି ବିଭାଗ ମଡ୍ୟୁଲାର ଓଟିରେ ଶ୍ରଦ୍ଧାଞ୍ଜଳିଙ୍କୁ ଭର୍ତ୍ତି କରାଯାଇଥିଲା। ପ୍ରତିରୋପଣ ଶେଷ ହେବାବେଳକୁ ସକାଳ ୮ଟା ହୋଇଯାଇଥିଲା। ଶ୍ରଦ୍ଧାଞ୍ଜଳି ଓ ତୁଷାରକାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ନେଇ ଏସ୍‌ସିବି ମେଡିକାଲ ପକ୍ଷରୁ ସୂଚନା ରହିଛି। ଉକ୍ତ ପ୍ରତିରୋପଣରେ ଏସ୍‌ସିବି ୟୁରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସମୀର ସ୍ୱାଇଁ, ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟ, ଡା. ସବ୍ୟସାଚୀ ପଣ୍ଡା, ଡା. ପ୍ରୀତମ ପଟ୍ଟନାୟକ, ଡା. ସଞ୍ଜୟ ଚୌଧୁରୀ, ଡା. ଅମିୟ ପାଲ ଓ ଅନ୍ୟ ବିଭାଗୀୟ ଡାକ୍ତରମାନେ ସାମିଲ ଥିଲେ। ସେହିପରି ଏମ୍‌ସ ହସ୍ପିଟାଲରେ ତୁଷାରକାନ୍ତଙ୍କ ଶରୀରରେ ସଫଳତାର ସହ କିଡ୍‌ନୀ ପ୍ରତିରୋପଣ କରାଯାଇଛି।

ମଙ୍ଗଳବାର ପୂର୍ବାହ୍ନରେ ବୀରେନ୍ଦ୍ରଙ୍କ ମୃତଦେହ ବାସଭବନରେ ପହଞ୍ଚିବା ପରେ ଶେଷଦର୍ଶନ ପାଇଁ ଲୋକଙ୍କ ଭିଡ ଜମିଥିଲା। ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ରେଡୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିଥିଲେ। ଏହାପରେ ବୀରେନ୍ଦ୍ରଙ୍କ ମରଶରୀରକୁ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ଅଙ୍ଗଦାନ ଭଳି ମହାନ୍ କାର୍ଯ୍ୟ ପାଇଁ ସେଠାରେ ପ୍ରଶାସନ ପକ୍ଷରୁ ଡିଏସ୍‌ପି ସରୋଜିନୀ ସ୍ୱାଇଁ ଓ ରଘୁନାଥପୁର ଅତିରିକ୍ତ ଆଇଆଇସି ରଶ୍ମିବାଳା ସେଠୀଙ୍କ ନେତୃତ୍ୱରେ ଜିଲା ପୋଲିସ ବାହିନୀ ଦ୍ୱାରା ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହାପରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଶୁଭାଶିଷ ମୁଖାଗ୍ନି ଦେଇଥିଲେ।

# କନିଷ୍ଠ ଶିକ୍ଷକ(ସ୍କିମାଟିକ) ନିଯୁକ୍ତି ପ୍ରକ୍ରିୟା ସେପ୍ଟେମ୍ବର ସୁଦ୍ଧା ସରିବ

**ଭୁବନେଶ୍ୱର, ୧୬।୭(ଅସମାପିକା ସାହୁ)**

ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା କନିଷ୍ଠ ଶିକ୍ଷକ (ସ୍କିମାଟିକ) ନିଯୁକ୍ତି ପ୍ରକ୍ରିୟା ଶେଷ ହେବ। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨୦ ତାରିଖରେ କାଟେଗୋରି-୧ ଏବଂ ୨୨ ତାରିଖରେ କାଟେଗୋରି-୨ ପାଇଁ ଚୟନ ହୋଇଥିବା ଆଶାୟୀଙ୍କ ପ୍ରମାଣପତ୍ର ଯାଞ୍ଚ ହେବ। ପ୍ରମାଣପତ୍ର ଯାଞ୍ଚ କରାଇ ନ ଥିବା ବା ସମ୍ପୂର୍ଣ୍ଣ ଯାଞ୍ଚ କରାଇ ନ ଥିବା ପ୍ରର୍ଥୀମାନେ ଏଥିରେ ଅଂଶଗ୍ରହଣ କରିବେ। ପୂର୍ବରୁ ପ୍ରମାଣପତ୍ର ଯାଞ୍ଚ ସାରିଥିବା ପ୍ରାର୍ଥୀଙ୍କୁ ଆଉ ଯାଞ୍ଚ କରାଇବାକୁ ପଡ଼ିବ ନାହିଁ। ସେହିପରି ୨୫ ତାରିଖରେ ପ୍ରୋଭିଜନାଲ ମେରିଟ୍ ଲିଷ୍ଟ ଓ ରିଜେକ୍ସନ୍ ଲିଷ୍ଟ ପ୍ରକାଶ ପାଇବ। ଏହି ପ୍ରକ୍ରିୟାରେ କୌଣସି ଦ୍ୱନ୍ଦ୍ୱ ଥିଲେ ପ୍ରାର୍ଥୀମାନେ ୨୬ରୁ ଅଗଷ୍ଟ ୨ ମଧ୍ୟରେ ଆବେଦନ କରିପାରିବେ। ଅଗଷ୍ଟ ୫ରେ ଜିଲା ଓ ବର୍ଗୱାରୀ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇବ। ୬ ତାରିଖରେ ସମସ୍ତ ଜିଲାରୁ ଓକାକ୍‌କୁ ଚୂଡ଼ାନ୍ତ ତାଲିକା ପଠାଯିବ। ୧୨ରୁ ୧୬ ତାରିଖ ମଧ୍ୟରେ ନିଯୁକ୍ତି ପାଇଁ କାଉନ୍‌ସେଲିଂ ପ୍ରକ୍ରିୟା ହେବ। ୨୨ ତାରିଖରେ ପ୍ରାର୍ଥୀଙ୍କୁ ମିଳିଥିବା ବିଦ୍ୟାଳୟ ଆଲୋକେଶନ୍ ତାଲିକା ଓକାକ୍ ସମସ୍ତ ଜିଲାକୁ ପ୍ରଦାନ କରିବ। ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୧୨ ମଧ୍ୟରେ ଜିଲା ପରିଷଦର ଅନୁମୋଦନ ପାଇଁ ପଠାଯିବ। ୧୫ ଦିନ ମଧ୍ୟରେ ଚୂଡ଼ାନ୍ତ ମେଧା ତାଲିକା ଅନୁମୋଦନ କରାଯିବ ବୋଲି ଓସେପା ପକ୍ଷରୁ ପ୍ରକାଶ କରାଯାଇଛି।

**WANTED**
Caretaker / Security Incharge needed for our Pattamundai and BBSR Building.
Contact: 9778855101/7003751404
BESCO DEVELOPERS PVT. LTD.

ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ। ଦରମା ୧୦୦୦୦/- ଏବଂ ରହିବା ଓ ଖାଇବା ମାଗଣା।
ଯୋଗାଯୋଗ – 7809525452

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଟିକା ଦୁଇଟି ଧୋଇ ଥୋଇଲିଲୋ**
**ନିଗିଡ଼ି ପଡ଼ିଲା ଘିଅ**
**ଲୋକେ ପଚାରିଲେ କି ବୋଲି କହିବି**
**ମୁଁ ତ ଗାଁ ମକଦ୍ଦମ ଝିଅ।**

ବାପ ଘର ଲୋକଙ୍କ ଠାଣି ମାଣି ନେଇ ତୁଚ୍ଛା ପ୍ରଶଂସା। ବାପ ଅଜା ଅମଳରେ ସେମାନେ କେତେ ଥିଲାବାଲା ବା ବଡ଼ଲୋକ ଥିଲେ ଦେଖେଇ ହୋଇ କଥା କହିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଦର ନ ଥାଇ ଯେଉଁ ଭୋଜନ,**
**ଗାମୁଛା ନ ଥାଇ ଯେଉଁ ସ୍ନାହାନ,**
**ସିନିହ ନ ଥାଇ ଯେଉଁ ପୀରତି,**
**ଚାନ୍ଦ ନଥାଇ ଯେବଣ ରାତି ।**

ଯେଉଁଠି ଆଦର ଅଭ୍ୟର୍ଥନା ବୋଲି କିଛି ନ ଥାଏ, ସେଠି ଖାଇବା ପିଇବାରେ ସନ୍ତୋଷ ମିଳି ନ ଥାଏ। ଗାମୁଛା ବିନା ସ୍ନାନ କରିବା ସୁଖକର ଲାଗି ନ ଥାଏ। ଆନ୍ତରିକ ସ୍ନେହ ଶ୍ରଦ୍ଧା ବିନା ଭଲ ପାଇବାର ମାନେ କିଛି ରହି ନ ଥାଏ। ସେହିପରି ଚାନ୍ଦ ବିନା ଘନରାତି ମନକୁ ଆମୋଦିତ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



# ଶ୍ୱଶୁରଘରେ ଜ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ

ବାସୁଦେବପୁର,୧୬।୭(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ସୁଦର୍ଶନପୁର ପଞ୍ଚାୟତର ସୁଆଁ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଶ୍ୱଶୁର ଘରକୁ ଆସିଥିବା ଜ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ସୋର ଥାନା ଅଧୀନ ମଧୁସୂଦନପୁର ଗ୍ରାମର ରମେଶ ସେଠୀ(୪୨)। ପାରିବାରିକ ବିବାଦ ଯୋଗୁ ରମେଶଙ୍କ ସ୍ତ୍ରୀ ଲକ୍ଷ୍ମୀ ବାପଘର ସୁଆଁ ଗ୍ରାମକୁ ପଳାଇ ଆସିଥିଲେ। ଅପରାହ୍ନରେ ରମେଶ ଶ୍ୱଶୁରଘରେ ପହଞ୍ଚି ସ୍ତ୍ରୀଙ୍କୁ ଘରକୁ ନେବାକୁ ଜିଦ୍ ଧରିଥିଲେ। ଲକ୍ଷ୍ମୀ ରାଜି ନ ହେବାରୁ ରମେଶ ଏକ ଧାରୁଆ ଛୁରୀରେ ଲକ୍ଷ୍ମୀଙ୍କ ଗୋଡ଼କୁ କାଟିଥିଲେ। ରକ୍ତସ୍ରାବ ହେବାରୁ ଲକ୍ଷ୍ମୀ ଘରର ଅନ୍ୟ ଲୋକଙ୍କୁ ଡାକିଥିଲେ। ଏହି ସମୟରେ ରମେଶ ଛୁରୀରେ ନିଜ ଛାତିକୁ କାଟିବା ସହ ଘର ଭିତରକୁ ଯାଇ କବାଟ ଦେଇଥିଲେ। କିଛି ସମୟ ପରେ ବନ୍ଦ ଘରୁ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଲକ୍ଷ୍ମୀ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ରମେଶ ବିଭିନ୍ନ ସମୟରେ ନିଶାସକ୍ତ ହୋଇ ତାଙ୍କୁ ମାରଧର କରୁଥିଲେ ବୋଲି ଲକ୍ଷ୍ମୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

# କର୍ମଚାରୀ ଅଭାବରୁ ଝୁଲୁଛି ତାଲା

ଭଣ୍ଡାରିପୋଖରୀ,୧୬।୭
(ରାଜେନ୍ଦ୍ର ଶତପଥୀ)

ବୈତରଣୀ ନଦୀର ବନ୍ୟା ନିୟନ୍ତ୍ରଣରେ ସହଯୋଗିତା ପାଇଁ ଜଳସେଚନ ବିଭାଗର ଭୁବନେଶ୍ୱରସ୍ଥିତ ଜଳ ଘନତ୍ୱ ମାପ ବିଭାଜନର ପୁରାତନ ଆଖୁଆପଦା ସେକ୍ସନରେ କର୍ମଚାରୀ ଅଭାବରୁ ତାଲା ପଡ଼ିଛି। ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦାରେ ବୈତରଣୀ ନଦୀରେ ଆନିକଟ ଥିବାରୁ ଏହି କାର୍ଯ୍ୟାଳୟ ସ୍ଥାପନ କରାଯାଇ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ସେକ୍ସନ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟାଳୟରେ ଅନ୍ୟ କର୍ମଚାରୀ ନ ଥିବାବେଳେ ସେକ୍ସନ ଅଫିସର ମଧ୍ୟ ଆସୁ ନ ଥିବାରୁ ତାଲା ଝୁଲୁଛି।

ପ୍ରତ୍ୟେକ ଦିନ ଆଖୁଆପଦାରେ ବର୍ଷାଜଳ ପରିମାଣ ରେକର୍ଡ କରିବା ସହ ନଦୀରେ ଦୈନିକ ପ୍ରବାହିତ ଜଳ ପରିମାଣ, ପ୍ରବାହିତ ଜଳରେ ବାଲି ଓ ପଟୁମାଟି ପରିମାଣ ମାପିବା ପାଇଁ କାର୍ଯ୍ୟାଳୟରେ ଯନ୍ତ୍ରାଂଶ ରହିଛି। ପୂର୍ବରୁ ବିଜିଡ଼ିଠାରେ ଏହି କାର୍ଯ୍ୟ କରାଯାଉଥିଲା। ୧୯୯୯ ମସିହାଠାରୁ ଆଖୁଆପଦା ବୈତରଣୀ ସେତୁ ଉପରେ ଥାଇ ଏହି କାର୍ଯ୍ୟ କରାଯିବାର



ଆଖୁଆପଦା ଜଳ ଘନତ୍ୱ ମାପ କାର୍ଯ୍ୟାଳୟ

ବ୍ୟବସ୍ଥା ହୋଇଥିଲା। ସେଥିପାଇଁ ଏହି ସେକ୍ସନକୁ ଗୋଟିଏ ଜଳ ଘନତ୍ୱ ମାପ ସରଞ୍ଜାମ ଯୋଗାଇ ଦିଆଯାଇଛି। ସେତୁ ଉପରେ ଥାଇ କାର୍ଯ୍ୟାଳୟର କର୍ମଚାରୀ ଦୈନିକ ଏହି ସରଞ୍ଜାମକୁ ଏକ ଶକ୍ତ ଦଉଡ଼ିରେ ବାନ୍ଧି ପ୍ରବାହିତ ଜଳକୁ ପକାଇ ଦେଇ ନଦୀ ଜଳର ବେଗ, ପରିମାଣ, ଜଳ ସହ ବାଲି ଓ ପଟୁମାଟି ମିଶ୍ରଣର ପରିମାଣ ଆଦି ରିପୋର୍ଟ ପ୍ରସ୍ତୁତ କରାଯାଇ ନଥିଭୁକ୍ତ କରାଯିବା ସହ ଡିଭିଜନ କାର୍ଯ୍ୟାଳୟକୁ ଯୋଗାଇ ଦେଉଥିଲେ। ସେକ୍ସନ ପକ୍ଷରୁ ଏକ ଜଳସ୍ତର ମିଟର ଆଖୁଆପଦା ବୈତରଣୀ ସେତୁ ନିକଟରେ ସ୍ଥାପନ କରାଯାଇ ଏହାର ରେକର୍ଡ ମଧ୍ୟ କରାଯାଇଥାଏ। ଜଳ ସମ୍ପଦ ବିଭାଗ ଆଖୁଆପଦା ଉପଖଣ୍ଡର ଜଳସ୍ତର ମାପକ ମିଟର ଗଜ ଅନୁଯାୟୀ ବିପଦ ସଙ୍କେତ ସ୍ତର ୧୭.୮୩ ମିଟର ହୋଇଥିବା ବେଳେ ହାଇଡ୍ରୋମେଟ୍ରିକ୍ ସେକ୍ସନର ଜଳସ୍ତର ମାପକ ମିଟର ଗଜ ଅନୁଯାୟୀ ବିପଦ ସଙ୍କେତ ସ୍ତର ୧୮.୧୩ ମିଟର। ସମାନ୍ତରାଳ ଭାବେ ଜଳ ସମ୍ପଦ ବିଭାଗର ଆଖୁଆପଦାସ୍ଥିତ ଏହି ଦୁଇ ଶାଖା ଜଳସ୍ତର ମାପକ କାର୍ଯ୍ୟ କରିଆସୁଥିଲେ। ଏବେ ଆଖୁଆପଦା ଉପଖଣ୍ଡ ଜଳ ସମ୍ପଦ ବିଭାଗ ନିୟମିତ ଭାବେ ଜଳସ୍ତର ମାପ କାର୍ଯ୍ୟ କରୁଛି। ଜଳ ଘନତ୍ୱ ମାପ କାର୍ଯ୍ୟାଳୟ ଜଳ ସ୍ତର ମାପ କାର୍ଯ୍ୟ କରୁନାହିଁ। ସେହିପରି ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ବନ୍ଦ ହୋଇଯାଇଛି। ଫଳରେ ଜଳସମ୍ପଦ ବିଭାଗକୁ ତଥ୍ୟ ଦେଇ ବନ୍ୟା ନିୟନ୍ତ୍ରଣରେ ସହାୟତା କରିବା କାର୍ଯ୍ୟ ବନ୍ଦ ହୋଇଯାଇଛି। ବନ୍ୟା ନିୟନ୍ତ୍ରଣ ପାଇଁ ଏହି କାର୍ଯ୍ୟାଳୟର ଅବଦାନ ଯଥେଷ୍ଟ ଥିବାରୁ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସ କହିଛନ୍ତି।

# ଟୋଲ୍‌ପ୍ଲାଜା କର୍ମଚାରୀଙ୍କ ଧାରଣା



ଟୋଲ୍‌ପ୍ଲାଜା କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ଭଣ୍ଡାରିପୋଖରୀ,୧୬।୭ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ ନଂ. ଜାତୀୟ ରାଜପଥର ନାରାୟଣପୁର-ଭାଗଡା ଟୋଲ୍‌ଗେଟ କର୍ମଚାରୀ ୫ ଦଫା ଦାବିରେ ମଙ୍ଗଳବାର ଧାରଣାରେ ବସିଛନ୍ତି। ସର୍ବନିମ୍ନ ମଜୁରୀ ଆଧାରରେ ଟୋଲପ୍ଲାଜା କର୍ମଚାରୀଙ୍କୁ ମଜୁରୀ, ପ୍ରତ୍ୟେକ କର୍ମଚାରୀଙ୍କୁ ଭବିଷ୍ୟନିଧି ଓ ଇଏସ୍‌ଆଇ ସୁବିଧା, ଡ୍ରେସ୍‌କୋଡ୍ ଓ ଜୋତା, ଭତ୍ତା ପ୍ରଦାନ, କ୍ୟାଣ୍ଟିନ ସୁବିଧା ଆଦି ଯୋଗାଇ ଦିଆଯିବାକୁ ପ୍ରମୁଖ ଦାବି ରହିଛି। ୟୁନିଅନ ସଭାପତି ଜୟନ୍ତ କୁମାର ସାହୁଙ୍କ ନେତୃତ୍ୱରେ କମଳାକାନ୍ତ ପରିଡ଼ା, ଅଭିସାର ସୁନ୍ଦର ସାହୁ, ଦୁର୍ଯ୍ୟୋଧନ ଯେନା, ଭଗବାନ ସାମଲ, ପର୍ଶୁରାମ ରାୟ, ପ୍ରବୀର କୁମାର ରାଉତ, ମୃତ୍ୟୁଞ୍ଜୟ ମହାପାତ୍ର, ନିଗମାନନ୍ଦ ଯେନା, ଭବାନୀ ଶଙ୍କର ନାୟକ ପ୍ରମୁଖ ୭୦ କର୍ମଚାରୀ ଟୋଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସେମାନଙ୍କ ସହ ଆଲୋଚନା କରିବାକୁ କୌଣସି କର୍ତ୍ତୃପକ୍ଷ ଆସି ନ ଥିବାରୁ ଧାରଣା ଅବ୍ୟାହତ ରହିବ ବୋଲି ୟୁନିଅନ ପକ୍ଷରୁ ଜଣାଯାଇଛି। ପ୍ରକାଶଥାଉ କି, ଗତ ୧୧ ତାରିଖରେ ୱାର୍କର୍ସ ୟୁନିଅନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ୧୫ ତାରିଖ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା।

# ମହରମ ଶୋଭାଯାତ୍ରାରେ ମୁତୟନ ହେବ ୨୪ ପ୍ଲାଟୁନ ଫୋର୍ସ



ଭଦ୍ରକ ସହରରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

ଭଦ୍ରକ, ୧୬।୭(ସନାତନ ରାଉତ)

ଭଦ୍ରକ ସହରରେ ଶାନ୍ତିଶୃଙ୍ଖଳାରେ ବୁଧବାର ପବିତ୍ର ମହରମ ପର୍ବ ପାଳନ ପାଇଁ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ନିବେଦନ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ପୁରୁଣାବଜାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଇ କହିଛନ୍ତି, ସାମାଜିକ ଗଣମାଧ୍ୟମର ଦୁରୁପଯୋଗ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସମସ୍ତଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ୪୨ଟି କାଫେଲା ରାତି ୧୦ଟା ପର୍ଯ୍ୟନ୍ତ ସହର ପରିକ୍ରମା କରିବ। ଶୋଭାଯାତ୍ରାରେ ୨୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ୨ ଜଣ ଅତିରିକ୍ତ ଏସ୍‌ପି, ୧୦ ଡିଏସ୍‌ପି, ୧୨୭ ଏସ୍‌ଆଇ ଓ ଏଏସ୍‌ଆଇ ଉପସ୍ଥିତ ରହି ନଜର ରଖିବେ। ୨୪ ପ୍ଲାଟୁନ ଫୋର୍ସ ଓ ୩ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ସହରର ବିଭିନ୍ନ ସ୍ଥାନରେ ମୁତୟନ ରହିବେ। କୌଣସି ସନ୍ଦେହଜନକ ସ୍ଥିତି ସାମ୍ନାକୁ ଆସିଲେ ୧୧୨ ନମ୍ବରରେ କିମ୍ବା ସିଟି ଡିଏସ୍‌ପିଙ୍କୁ ଫୋନ୍ କଲ୍ କରିବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ପୋଲିସ ପକ୍ଷରୁ ପୁରୁଣାବଜାର ଓ ଭଦ୍ରକ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।

# ଆହାର କେନ୍ଦ୍ରରେ ଖାଦ୍ୟର ମାନ ପରଖିଲେ ବିଧାୟକ

ଭଦ୍ରକ, ୧୬।୭ (ସନାତନ ରାଉତ)

ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ପୌରପାଳିକାର ବିଭିନ୍ନ ୱାର୍ଡ ଓ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝୁଛନ୍ତି। ସୋମବାର ଅଚାନକ ଭଦ୍ରକ ସହରର ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ନିକଟରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ଆହାର କେନ୍ଦ୍ରରେ ଦିଆଯାଉଥିବା ୫ ଟଙ୍କିଆ ଖାଦ୍ୟର ମାନ ପରଖିବା ପାଇଁ ବିଧାୟକ ନିଜେ ଖାଇଥିଲେ। ରୋଷେଇଠାରୁ ଆରମ୍ଭ କରି ଖାଦ୍ୟ ପରଷିବା ସମସ୍ତ ବ୍ୟବସ୍ଥା ପଚାରି ବୁଝିଥିଲେ। ଆହାର କେନ୍ଦ୍ରକୁ ଖାଇବାକୁ ଆସୁଥିବା ଲୋକଙ୍କୁ ମିଳୁଥିବା ଆହାର ବାବଦରେ ସେ ପଚାରିଥିଲେ।

ବିଧାୟକ ଭାବେ ଦାୟିତ୍ୱ ନେବା ପରେ ସେ ଲୋକଙ୍କ ସମସ୍ୟା ବୁଝିବା ସହ ସପ୍ତାହର ପ୍ରତି ମଙ୍ଗଳବାର ଅଭିଯୋଗ ଶୁଣିବା ପାଇଁ ଶିବିର ଆୟୋଜନ କରୁଛନ୍ତି। ଭଦ୍ରକ ସହରର କୁଆଁସଠାରେ ବିଧାୟକ କାର୍ଯ୍ୟାଳୟରେ ପ୍ରତି ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରହି ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଶୁଣୁଛନ୍ତି। ବିଧାୟକଙ୍କୁ ନିଜର ସମସ୍ୟା ଜଣାଇବାର ସୁଯୋଗ ମିଳୁଥିବାରୁ ସମାଧାନର ଆଶା ନେଇ ଲୋକେ ଖୁସିବ୍ୟକ୍ତ କରୁଛନ୍ତି।



ବିଧାୟକ ସିତାଂଶୁ ଶେଖର ମହାପାତ୍ର ଭଦ୍ରକ ସହର ଦକ୍ଷିଣେଶ୍ୱରୀ କାଳୀମନ୍ଦିର ନିକଟ ଆହାରକେନ୍ଦ୍ର ପରିଦର୍ଶନ କରୁଛନ୍ତି।

# ବିପ୍ଳବୀ ଚକ୍ରଧର ବେହେରାଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ

ଭଦ୍ରକ,୧୬।୭(ସନାତନ ରାଉତ/ ରବିନାରାୟଣ ଖିଲାର)

ଜଣେ ମହିଳା ବେଶରେ ପ୍ରଜାପୀଡ଼କ ଅତ୍ୟାଚାରୀ ଜମିଦାର ପିଆଦାଙ୍କ ଆଖିରେ ଧୂଳି ଦେଇ ବିପ୍ଳବୀ ଚକ୍ରଧର ବେହେରା ଖସି ଯାଇଥିଲେ। ନିଜ ଜୀବନକୁ ବାଜି ଲଗାଇ ମାସ ମାସ ଧରି କନିକାର ପ୍ରଜା ଆନ୍ଦୋଳନକୁ ବଞ୍ଚାଇ ରଖିଥିଲେ। ଜଣେ ବିପ୍ଳବୀ ସଂଗ୍ରାମୀ ଭାବେ ନିଜ ମାଟି ପାଇଁ ଲଢ଼େଇ କରି କାରାବରଣ କରିଥିଲେ। 'ବନ୍ଦୀର ବିଳାପ', 'ଜୟନ୍ତୀ' ଭଳି କବିତା ଗ୍ରନ୍ଥ ରଚନା କରି ସେ ଜଣେ ବିପ୍ଳବୀ ସହ କବି ପ୍ରାଣର ପରିଚୟ ଦେଇ ଯାଇଛନ୍ତି ବୋଲି ଭଦ୍ରକ ଜିଲାସ୍ତରୀୟ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟବକ୍ତା ଜିଲା ଲେଖକ ସାମ୍ମୁଖ୍ୟର କାର୍ଯ୍ୟକାରୀ ସଭାପତି ଇଂ. ଅଭୟ ସୂତାର, ଅନ୍ୟତମ ବକ୍ତା ସ୍ମୃତି କମିଟି ସଭାପତି ପ୍ରଫେସର ବାସୁଦେବ ବାରିକ ଏବଂ ଅନ୍ୟତମ ଅତିଥି ଭାବେ ସ୍ମୃତି କମିଟି ସମ୍ପାଦକ ଉପେନ୍ଦ୍ର କୁମାର ବାରିକ, ବୟୋଜ୍ୟେଷ୍ଠ ନାଗରିକ ବୈଲୋଚନ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ଆବାହକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ସ୍ମୃତି କମିଟିର ପ୍ରାକ୍ତନ ସମ୍ପାଦିକା ସ୍ୱର୍ଗତ ଶାନ୍ତିଲତା ନାଗଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶାସନ ଏବଂ ଶାନ୍ତିଲତା ନାଗ ସ୍ମୃତି କମିଟି ପକ୍ଷରୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ନାଟ୍ୟକାର ନିର୍ମଳ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ କର୍ମୀ ଅଜୟ ନାୟକ, ଗୀତାରାଣୀ ଆଇଚ, ଶାନ୍ତନୁ ରାଉତ, ବାଇଧର ସାହୁ, କମଳାକାନ୍ତ ସ୍ୱାଇଁ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ସର୍ବୋଦୟ ମଣ୍ଡଳର ସମ୍ପାଦକ ଅମର କୁମାର ପାଣିଗ୍ରାହୀ, ପ୍ରଫେସର ରାଇମୋହନ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ବ୍ରଜମୋହନ ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଭାତ ନଳିନୀ ମହାପାତ୍ର, ରାଧାରାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସମାରୋହରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଶିଶୁ ଶ୍ରମିକ, ବାଲ୍ୟବିବାହ ରୋକିବାକୁ ଗୁରୁତ୍ୱ

ଭଦ୍ରକ,୧୬।୭
(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସମାଜ ମଙ୍ଗଳ ବିଭାଗର ମିଳିତ ସହଯୋଗରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ 'ଶିଶୁ ପାଇଁ ଦିନଟିଏ' ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଥିରେ ଅଧ୍ୟକ୍ଷତା କରିବା ଅବସରରେ କହିଥିଲେ, ଶିଶୁ ସୁରକ୍ଷା ଯୋଜନାର ସଫଳତା ପାଇଁ ବାଲ୍ୟବିବାହ ଓ ଶିଶୁ ଶ୍ରମିକ ସଂଖ୍ୟା ହ୍ରାସ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିପାଇଁ ତୃଣମୂଳ ସ୍ତରରେ ସଚେତନତା ଆବଶ୍ୟକ। ବାଲ୍ୟବିବାହ ଓ ଶିଶୁ ଶ୍ରମିକ ରୋକିବା ପାଇଁ ଧରପଗଡ଼ ଉପରେ ଅଧିକ ସଜାଗ ହେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜିଲାରେ ଚାଲୁଥିବା ୮ଟି ସିସିଆଇ ଓ ୩ଟି ଜାଗୃତି ହୋମ୍‌ର ଅନ୍ତେବାସୀଙ୍କ ସଂଖ୍ୟା ନେଇ ସମୀକ୍ଷା କରିଥିଲେ। ଚରମ୍ପା ରେଲୱେ ଷ୍ଟେଶନ ଓ ସହରାଞ୍ଚଳରେ କାଁ ଭାଁ କେତେଜଣ ଶିଶୁ ଭିକ୍ଷା ବୃତ୍ତି କରୁଥିବାର ନଜରରେ ଆସୁଥିବାରୁ ଭଦ୍ରକ ଜିଲାକୁ ଶିଶୁ ଭିକ୍ଷୁକମୁକ୍ତ ଘୋଷଣା ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବାଲ୍ୟବିବାହ ନିଷେଧ ନେଇ ପଞ୍ଚାୟତ, ବ୍ଲକ୍ ଓ ଜିଲାସ୍ତରରେ ତ୍ରୈମାସିକ ବୈଠକ, ସଚେତନତାମୂଳକ କାର୍ଯ୍ୟକ୍ରମ, ବାଲ୍ୟବିବାହ ରୋକିବା ସଫଳତା ଦିଗରେ ଜିଲା ସଂଯୋଜକ ପ୍ରଦ୍ୟୁମ୍ନ ରଞ୍ଜନ ରାଉତ ସୂଚନା ପ୍ରଦାନ କରିଥିଲେ। ବାଲ୍ୟବିବାହ ହେଉ କି ଶିଶୁ ଶ୍ରମିକ ଧରପଗଡ଼ ନେଇ ଆଇନର ବିଭିନ୍ନ ଦିଗ, ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ଡିଏସ୍‌ପି ଡିଆଇବି ପ୍ରଭାତ କୁମାର ବିଶ୍ୱାଳ କହିଥିଲେ। ଆସିୟାନା ସମ୍ପାଦିକା ସେଖ୍ ସୋଫିଆ ଓ ସଂଯୋଜକ ରିଆଜ ଅହମ୍ମଦ ବାଲ୍ୟବିବାହ ଓ ଦିବ୍ୟାଙ୍ଗ ଶିଶୁ ସୁରକ୍ଷା ସମସ୍ୟା ଉପରେ ଆଲୋକପାତ କରିଥିଲେ। ଚାଇଲ୍ଡ ଲାଇନ ସଂଯୋଜକ ଶୁଭଶ୍ରୀ ମଲ୍ଲିକ୍, ଭଦ୍ରକ ସିଡିପିଓ ରାଜଶ୍ରୀ ଗୋସ୍ୱାମୀ, ସର୍ବଶିକ୍ଷା ବାଳିକା ସଂଯୋଜିକା ଇପ୍‌ସିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ଜନ୍ମବାର୍ଷିକୀ ଉତ୍ସବ



ହଜରତଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ସାମିଲ ହୋଇଥିବା ଭକ୍ତମାନେ।

ଧାମନଗର, ୧୬।୭ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗରର ପ୍ରସିଦ୍ଧ ପୀଠ ଖାନ୍‌କା ସରିଫରେ ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ୧୨୨ତମ ଜନ୍ମବାର୍ଷିକୀ ଉତ୍ସବ ମହାଆଡ଼ମ୍ବରରେ ପାଳନ କରାଯାଇଛି। ସୋମବାର ସକାଳ ୬ଟାରେ ପୀରବାବାଙ୍କ ଆସ୍ଥାନକୁ ଗୋଲାପ ଜଳ ଓ ଚନ୍ଦନରେ ସ୍ନାନ କରାଯାଇଥିଲା। ମୱ୍ଲି ଅଲହାଜ ସୟଦ ଗୋଲାମ ମହମ୍ମଦ ହବିବ ସ୍ନାନ କରାଇଥିଲେ। ପରେ କୋରାନ ଖାନି ଓ ଫାତେହା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଲଙ୍ଗର(ଭୋଗ) ବଣ୍ଟନ କରାଯାଇଥିଲା। ଉତ୍ସବରେ ରାଜ୍ୟ ଓ ବାହା ରାଜ୍ୟରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଖାନକା ସରିଫରେ ବାବାଙ୍କ ଦର୍ଶନ କରିଥିଲେ। ଅପରାହ୍ନରେ ଧାମନଗର ଏନ୍‌ଏସି ଅଞ୍ଚଳର ପଠାଣମହଲା, କୋରେସିମହଲା, ଭଣ୍ଡାରିସାହି, ନାୟକସାହି, କାଜିମହଲା, ବାଉଁଶବାଡ଼ି, ବଜାରସାହି, ମୁଲଣୀସାହି, ହବିବନଗର, ମୁଜାହିଦନଗର, ମୁନସିପାଟଣା, ବଣିଆସାହି, କଣ୍ଟାବଣିଆ ଆଦି ୧୭ଟି ସାହିବସ୍ତିରୁ ଚାଦର ଶୋଭାଯାତ୍ରା ବଜାର ପରିକ୍ରମା କରି ଖାନକା ସରିଫଠାରେ ପହଞ୍ଚିଥିଲା। ସେଠାରେ ପୀରବାବାଙ୍କ ଆସ୍ଥାନରେ ଚାଦର ଓ ଗୋଲାପ ଫୁଲ ଚଢ଼ାଇ ଦର୍ଶନ କରିଥିଲେ। ଏହି ଅବସରରେ କାଜିମହଲାଠାରେ ମୁଜାହିଦ କମିଟି ପକ୍ଷରୁ ରାତି ୮ଟାରୁ ମୌଲାନା, ସାୟର ଓ କବିମାନଙ୍କ ଦ୍ୱାରା ଜଲସା, ମୁସାୟେରା ଓ ତକରିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରଦୀପ କୁମାର ନାୟକଙ୍କ ସମେତ ପୋଲିସ ଫୋର୍ସ ମୁତୟନ ଥିଲେ। ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଲମ୍ବୋଦର ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି, ନଗର ଯୁବ ବିଜେଡି ସଭାପତି ସେକ୍ ସୈଇଫୁଦ୍ଦିନ, ସେକ୍ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବି, ସେକ୍ ଅବଦୁଲ ହାକିମ, ସେକ୍ ତାଜୁଦ୍ଦିନ, ସେକ୍ ହମିଦ, ସେକ୍ ମକଦୁମ ପ୍ରମୁଖ ବାବାଙ୍କ ଦର୍ଶନ କରିଥିଲେ।

# ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଗୀତିନାଟ୍ୟ 'ଶ୍ରୀଗଣେଶ' ମଞ୍ଚସ୍ଥ

ଭଦ୍ରକ,୧୬।୭
(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ ଅଧୀନ ଓଲଙ୍ଗ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଶ୍ରୀ ଅନନ୍ତ ବିନାୟକଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ରାନ୍ଦିଆସ୍ଥିତ କୋରଣ୍ଟ ବିମଳା ନାଟ୍ୟ ସଂସଦ ଦ୍ୱାରା 'ଶ୍ରୀଗଣେଶ' ଗୀତିନାଟ୍ୟ ମଞ୍ଚସ୍ଥ ହୋଇଥିଲା। ଏଥିରେ କଳାକାରମାନଙ୍କ ଅଭିନୟ ଚିତ୍ତାକର୍ଷକ ହୋଇଥିଲା। ଇଂ. ଅଶୋକ ମହାନ୍ତିଙ୍କ ପ୍ରଯୋଜିତ ଓ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ନିର୍ଦ୍ଦେଶିତ ଏହି ନାଟକରେ ନୃତ୍ୟଗୁରୁ ନାରାୟଣ ଚନ୍ଦ୍ର ସାହୁ ସହ ନିର୍ଦ୍ଦେଶନା ଦେଇଥିଲେ। ସଙ୍ଗୀତ ଗୁରୁ ସୁରେନ୍ଦ୍ର ଗାହାଣ ଥିବାବେଳେ କଣ୍ଠଦାନ କରିଥିଲେ ମିନତି ବାରିକ। ଅମିୟ ସେଠୀ, ଆଶିଷ ସେଠୀ, ସ୍ମାରକ ଉମା ପାଣିଗ୍ରାହୀ, ପ୍ରଫୁଲ୍ଲ ଦାସ, ତବଲା ବାଦକ ଧରମାନନ୍ଦ, ଖଗେଶ୍ୱର ମନ୍ଦିର କମିଟିର କର୍ମକର୍ତ୍ତା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

# ଦୋବଲ-କ୍ଷେଣ୍ଟପୁର ରାସ୍ତାର ହେବ ନବୀକରଣ

## ଚିହ୍ନଟ ଲାଗି ତହସିଲ ପକ୍ଷରୁ ପୂର୍ତ୍ତ ବିଭାଗକୁ ଚିଠି

ଧାମନଗର, ୧୬।୭
(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର-କ୍ଷେଣ୍ଟପୁର ଭାୟା ଦୋବଲ ରାସ୍ତା ନିର୍ମାଣ ଲାଗି ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତିଶ୍ରୁତି ମୁତାବକ ଖୁବ୍‌ଶୀଘ୍ର ଦୋବଲ-କ୍ଷେଣ୍ଟପୁର ରାସ୍ତାର ନବୀକରଣ ହେବାକୁ ଯାଉଛି। ପ୍ରାରମ୍ଭିକ ଭାବେ ରାସ୍ତାରୁ ଜବରଦଖଲ ହଟାଇବା ଲାଗି ଧାମନଗର ତହସିଲ ପ୍ରଶାସନ କାର୍ଯ୍ୟ ଆରମ୍ଭ କରିଛି। ଆସନ୍ତା ୨୦ ତାରିଖରେ ଦୋବଲ କାଳୀବଜାରଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ମାପ କରାଯିବ। ଏହାସହ ଏହି ଅଂଶରେ ରାସ୍ତା କେତେ ରହିଛି ମାପ କରି ତାହା ଚିହ୍ନଟ କରାଯିବ। ୨୦ ତାରିଖ ସକାଳ ୯ଟାରୁ ରାସ୍ତା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ। ଏଥିଲାଗି କର୍ମଚାରୀ ମୁତୟନ କରିବାକୁ ଭଦ୍ରକ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଧାମନଗର ତହସିଲଦାର।

ଧାମନଗରରୁ କ୍ଷେଣ୍ଟପୁର ପର୍ଯ୍ୟନ୍ତ ଲମ୍ବିଥିବା ପୂର୍ତ୍ତ ବିଭାଗର ଏହି ରାସ୍ତାଟି ଆନନ୍ଦପୁର, ଖଡ଼ିପଦା, ପଧାନି, ସୋହଡ଼ା ଓ କରଦା ପଞ୍ଚାୟତର ଜୀବନରେଖା।



ସଙ୍କୁଚିତ ହୋଇଥିବା ଦୋବଲ ବଜାର- କାଳୀବଜାର ରାସ୍ତାରେ ପାଣି ଜମିଛି।

ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ୫ ପଞ୍ଚାୟତର ହଜାର ହଜାର ଲୋକ, ଗାଡ଼ି ମୋଟର ଯାତାୟାତ ପାଇଁ ନିର୍ଭର କରନ୍ତି। ମୁଖ୍ୟତଃ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଧାମନଗର ଥାନା, କଲେଜ, ବ୍ଲକ ଓ ତହସିଲ ଭଳି ମୁଖ୍ୟ କାର୍ଯ୍ୟାଳୟକୁ ଯିବା ଆସିବା ପାଇଁ ରାସ୍ତା ଉପରେ ନିର୍ଭରଶୀଳ। ରାସ୍ତା କଡ଼ରେ ୩ଟି ହାଇସ୍କୁଲ, ଦୁଇଟି ହାଟ ଓ ଗୋଟିଏ କଲେଜ ଅଛି। ରାସ୍ତାକୁ ଲାଗିକି ୨ଟି ବସ୍‌ଷ୍ଟାଣ୍ଡ, ଗୋଟିଏ ଟ୍ରେକର ଷ୍ଟାଣ୍ଡ, ଗୋଟିଏ ହସ୍ପିଟାଲ ଓ ପ୍ରାଣୀ ଡାକ୍ତରଖାନା ରହିଛି। ମୁଖ୍ୟରାସ୍ତା ପାର୍ଶ୍ୱରେ ୪ଟି ବ୍ୟାଙ୍କ, ଗୋଟିଏ ଥାନା ଓ ସବ୍ ପୋଷ୍ଟ ଅଫିସ, ଜଳ ସମ୍ପଦ ବିଭାଗର ଉପଖଣ୍ଡ କାର୍ଯ୍ୟାଳୟ ମଧ୍ୟ ରହିଛି। ଦିନକୁ ଦିନ ଧାମନଗର ବଜାର ବଢ଼ିବା ସହ ସହର ମାନ୍ୟତା ପାଇବା ପରେ ଦୋବଲରୁ କାଳୀବଜାର ମଧ୍ୟରେ ରାସ୍ତାକଡ଼ରେ ବ୍ୟବସାୟ କେନ୍ଦ୍ର ବଢ଼ିବାରେ ଲାଗିଛି। ଅଧିକାଂଶ ଲୋକ ରାସ୍ତାପାର୍ଶ୍ୱରେ ନିଜର ଦୋକାନ, ଅଫିସ କରିବା ଆଳରେ ରାସ୍ତା ଉପରକୁ ମାଡ଼ି ଆସି ଜବରଦଖଲ କରି ରଖିଛନ୍ତି। ଏଥିଯୋଗୁ ଦୋବଲ ବସ୍‌ଷ୍ଟାଣ୍ଡ ବଜାର ଓ କାଳୀବଜାର ମଧ୍ୟରେ ପ୍ରାୟ ୧ କିଲୋମିଟର ରାସ୍ତା ଏବେ ସଙ୍କୁଚିତ ହୋଇଯାଇଛି। ରାସ୍ତାର ଦୁଇପାର୍ଶ୍ୱରେ ଦୋକାନ ଓ ଉଚ୍ଚ ପିଣ୍ଡା ସାଙ୍ଗକୁ ବ୍ୟବସାୟୀମାନେ ରାସ୍ତା ଉପରେ ବଡ ବଡ ଗାଡ଼ି ରଖିବା ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଫଳରେ ବାଇକ୍ କିମ୍ବା ଚାରିଚକିଆ ହାଲୁକା ଯାନ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେବାକୁ ପଡ଼ିବା ସହ ରାସ୍ତାରୁ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଛି। ସାମାନ୍ୟ ବର୍ଷା ହେଲେ ଦୋବଲ ଦୁର୍ଗା ମଣ୍ଡପଠାରୁ ଷ୍ଟେଟବ୍ୟାଙ୍କ ଏଟିଏମ୍ ପର୍ଯ୍ୟନ୍ତ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ସ୍ଥାନୀୟ ଲୋକେ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ବିଧାୟକ ମନ୍ତ୍ରୀ ହେବା ପରେ ଏହି ରାସ୍ତା ନିର୍ମାଣକୁ ପ୍ରାଥମିକତା ଦେଇଥିଲେ। ଏହାକୁ ନଜରରେ ରଖି ପୂର୍ବରୁ ପ୍ରାୟ ୪ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ରାସ୍ତା ମରାମତି କାମକୁ ପୂର୍ତ୍ତ ବିଭାଗ ସ୍ଥଗିତ ରଖିଥିଲା। ଏବେ ରାସ୍ତା ଚିହ୍ନଟ ପ୍ରକ୍ରିୟା ସରିବା ପରେ ନିର୍ମାଣ କରାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ବଳଦେବଜୀଉଙ୍କ ସୁନାବେଶ ଆଜି

କେନ୍ଦୁଝର,୧୬।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଆରାଧ୍ୟ ଶ୍ରୀବଳଦେବଜୀଉଙ୍କ ପବିତ୍ର ସୁନାବେଶ ଗୋଟିଏ ଦିନ ଘୁଞ୍ଚିଲା। ମଙ୍ଗଳବାର ସୁନାବେଶ ହେବାରୁ ଥିବା ପରିବର୍ତ୍ତନ ନେଇ ଦେବୋତ୍ତର ବିଭାଗ ପକ୍ଷରୁ କିମ୍ବା ପ୍ରଶାସନ ପକ୍ଷରୁ ଆଗୁଆ ସୂଚନା ଦିଆ ନ ଯିବାରୁ ବହୁ ଭକ୍ତ ନିରାଶ ହୋଇଛନ୍ତି। ତେବେ ବୁଧବାର ବିଶ୍ୱର ସର୍ବୋଚ୍ଚ ରଥରେ ଶ୍ରୀବଳଦେବଜୀଉଙ୍କ ସୁନାବେଶ ଅନୁଷ୍ଠିତ ହେବ। ଏଥିପାଇଁ ରଥ ଚାରିପାଖରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଏହି ଅବସରରେ ଭକ୍ତମାନଙ୍କ ପାଇଁ ସ୍ଥାନୀୟ ସାଂସ୍କୃତିକ ସଂଗଠନ ପକ୍ଷରୁ ଭୋଗ ବ୍ୟବସ୍ଥା କରାଯାଇଛି। ସେହିପରି ଗୁରୁବାର ରଥରେ ଶ୍ରୀଜୀଉମାନେ ବିରାଜମାନ କରିବେ ଏବଂ ଶୁକ୍ରବାର ଦିନ ବଡ ଦେଉଳକୁ ବିଜେ ହେବେ ବୋଲି ଦେବୋତ୍ତର ବିଭାଗର ପରିଚାଳକ ପଞ୍ଚାନନ ସାହୁ କହିଛନ୍ତି।

### ମଦ ଜବତ, ୩ ଗିରଫ

ରାମଚନ୍ଦ୍ରପୁର,୧୬।୭(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ଅବକାରୀ ବିଭାଗ ମଙ୍ଗଳବାର ଚଢାଉ କରି ମହୁଲି ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଆନନ୍ଦପୁର ଅବକାରୀ ଥାନା ଅଧିକାରୀ ବଟକୃଷ୍ଣ ରାଉଳଙ୍କ ନିର୍ଦ୍ଦେଶ କ୍ରମେ କର୍ମଚାରୀ ସଞ୍ଜୀବ କୁମାର ସେଠୀ, ସୁମନ୍ତ ବେହେରା, ରବତୀ ସା ରାମଚନ୍ଦ୍ରପୁର ଥାନା ଗଁପୁର, ବରାଙ୍ଗ ଅଞ୍ଚଳରେ ଚଢ଼ାଉ କରି ୨୭ ଲିଟର ମହୁଲି ମଦ ଜବତ କରିଥିଲେ। ଚୋରାମଦ କାରବାରରେ ଲିପ୍ତ ଗ୍ରାମର ସାଙ୍କୁ ମୁର୍ମୁ (୭୦), ହିତାଇ ମାଝୀ (୨୫) ଓ ସୀତା ମୁର୍ମୁ (୨୫)ଙ୍କୁ ଗିରଫ କରିଥିଲେ।

### ବିଦ୍ୟାଳୟ ପରିସରରୁ ଅଜଗର ଉଦ୍ଧାର

ଯୋଡ଼ା,୧୬।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ସହର କୁନ୍ଦୁରୁ ନାଳାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରୁ ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସୋମବାର ଅପରାହ୍ନରେ ସ୍ଥାନୀୟ ଶ୍ରମିକ ବୁଦା ସଫା କରୁଥିବା ବେଳେ ଅଜଗର ସାପଟିକୁ ଦେଖିଥିଲେ। ସ୍ନେକହେଲ୍ପ ଲାଇନ ସଦସ୍ୟ ପ୍ରକାଶ ପ୍ରଧାନ ପହଞ୍ଚି ସାପଟି ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଥିଲେ। ଯୋଡ଼ା ସହର ନିକଟସ୍ଥ ପାହାଡ଼ରୁ ଅଜଗର ସାପ ସହର ଆଡ଼କୁ ପଶି ଆସୁଛନ୍ତି। ବିଶେଷ ସୁନା ନଦୀ ଅବବାହିକାରେ ଅଜଗର ସାପ ଦେଖିବାକୁ ମିଳୁଛି।

### ମହରମ ଉପଲକ୍ଷେ ଶାନ୍ତି କମିଟି ବୈଠକ

ଚମ୍ପୁଆ,୧୬।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ସଭାଗୃହଠାରେ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ମହରମ ପର୍ବ ଉପଲକ୍ଷେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ ଯୋଗଦେଇଥିବା ବେଳେ ଥାନା ଅଧିକାରଣୀ ଦେବକୀ ନାଏକ ଏହାକୁ ପରିଚାଳନା କରିଥିଲେ। ଭାଇଚାରାର ସହର ଚମ୍ପୁଆରେ ସାମ୍ପ୍ରଦାୟିକ ସଦଭାବନା ବଞ୍ଚାଇ ରଖିବା ଲକ୍ଷ୍ୟ ନେଇ ଅନୁଷ୍ଠିତ ବୈଠକରେ ଉଭୟ ସମ୍ପ୍ରଦାୟର ମାନ୍ୟଗନ୍ୟ ବ୍ୟକ୍ତି ବିଶେଷ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସତ୍ୟବାନ କର, କାଶିନାଥ ବେହେରା, ଶୁବାସ ରାମ, ଏମ୍‌ଡି ମୁସ୍‌ଲିମ୍, ଫିଆଜ୍ ଆଲାମ୍, ଏମ୍‌ଡି ଉପସ୍ଥିତ ଥିଲେ।

### ଫକୀରପୁରରେ ଚାରାରୋପଣ

ଆନନ୍ଦପୁର,୧୬।୭(ଉମେଶ ଚନ୍ଦ୍ର ପାଢ଼ୀ)

ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆନନ୍ଦପୁର ଫକୀରପୁରସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ରାସ୍ତାର ଦୁଇ ପାର୍ଶ୍ୱରେ ୬୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଛି। ୩ ଦିନ ଧରି କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଏଥିରେ ଅନେକ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଚାରାରୋପଣର ଦ୍ୱିତୀୟ ଦିନରେ ଆନନ୍ଦପୁର ପୌରପରିଷଦ ଅଧ୍ୟକ୍ଷା ରଜନୀରାଣୀ ଖଟୁଆ ଯୋଗଦେଇ ଚାରାରୋପଣ କରିବା ସହିତ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ରଞ୍ଜିତ ନାୟକ, ରାଜକିଶୋର ବାରିକ, ଶୋଭରାଜସାହାଣୀ, ଦେବାନନ୍ଦଦେହୁରୀ, ସଞ୍ଜୟ ଓଝା, ଅଜୟ ସାହୁ, ବାଦଲ ଦାସ, ରମାକାନ୍ତ ଓଝା ସହଯୋଗ କରିଥିଲେ।

# ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ଡାକ୍ତରଖାନାରେ ମିଳିଲାନି ସାପ କାମୁଡ଼ା ଇଞ୍ଜେକ୍ସନ**

କେନ୍ଦୁଝର,୧୬।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ସାପ କାମୁଡ଼ାରେ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ଆସିଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ କାଉଁରୀକଳା ଗ୍ରାମର ସରସ୍ୱତୀ ପାତ୍ର (୫୮) ବୋଲି ଜଣାପଡ଼ିଛି। ମେଡିକାଲରେ ଇଞ୍ଜେକ୍ସନ ନ ମିଳିବାରୁ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ସରସ୍ୱତୀ ସୋମବାର ରାତିରେ ଘରେ ଶୋଇଥିବା ବେଳେ ଏକ ପାହାଡ଼ିଆ ଚିତିସାପ ତାଙ୍କ ବେକକୁ କାମୁଡ଼ି ଦେଇଥିଲା। ରାତି ପ୍ରାୟ ୧୧ଟାରେ ବଡ଼ପୁଅ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସାଲାଇନ ଦେଇ ଚିକିତ୍ସା କରିଥିଲେ। ତେବେ ଗୋଟିଏ ଇଞ୍ଜେକ୍ସନ (ନିଓଷ୍ଟିଗମାଇନ(୦.୬) ନ ଥିବାରୁ ବାହାରୁ କିଣିବାକୁ କହିଥିଲେ। ବାହାରେ ମଧ ଉକ୍ତ ଇଞ୍ଜେକ୍ସନ ମିଳି ନ ଥିଲା। ତେଣୁ ଡାକ୍ତର କଟକ ବଡ଼ ଡାକ୍ତରଖାନାକୁ ନେଇଯିବାକୁ କହିଥିଲେ। ମାତ୍ର ରାତି ପ୍ରାୟ ୨ ଟାରେ ମା'ଙ୍କ ମୃତ୍ୟୁ ହୋଇଥିବା ମୃତ ମହିଳାଙ୍କ ବଡ଼ ପୁଅ ଖଗେଶ୍ୱର ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକେ ମହିଳାଙ୍କୁ କଟକ ଡାକ୍ତରଖାନା ନ ନେଇ ସଦର ବ୍ଲକ୍ ବଣୁଆ ଗ୍ରାମର ଜଣେ ଗୁଣିଆଙ୍କ ସହାୟତା ନେଇଥିଲେ। ଗୁଣିଆ ଝଡ଼ାଫୁଙ୍କା କରି ସାପ ଦାନ୍ତ କାଢ଼ିବା ପରେ ପରିବାର ଲୋକେ ପୁଣି ମେଡିକାଲକୁ ଆଣିଥିଲେ। ମାତ୍ର ସେତେବେଳକୁ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତରଖାନାରେ ଇଞ୍ଜେକ୍ସନ ଥାଇ ଡାକ୍ତର ବାହାରୁ ଆଣିବାକୁ କହିଲେ। ଫଳରେ ମହିଳାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ସଦର ଥାନାରେ ଏକ ମାମଲା(ନଂ. ୪୪/୨୪)ରେ ରୁଜୁ ହୋଇଛଇ। କେନ୍ଦୁଝର ମେଡିକାଲ କଲେଜର ଅଧୀକ୍ଷକ ଡା. ମହେନ୍ଦ୍ର କୁମାର ନାୟକ କହିଛନ୍ତି, ଉକ୍ତ ଇଞ୍ଜେକ୍ସନ ମେଡିକାଲରେ ସରିଯାଇଥିଲେ ହେଁ କିଛି ପରିମାଣର ଥିଲା। ଚିକିତ୍ସା କରୁଥିବା ଡାକ୍ତର ଜାଣିପାରି ନ ଥିଲେ। ଯୋଗାଣକାରୀ ସଂସ୍ଥାର ବିଳମ୍ବ ପାଇଁ ଅଭାବ ଦେଖାଦେଇଥିଲା। ମଙ୍ଗଳବାର ଉକ୍ତ ଇଞ୍ଜେକ୍ସନ ବହୁ ପରିମାଣରେ ପହଞ୍ଚିଛି। ସେହିପରି କଟକକୁ ନ ଯାଇ ଗୁଣିଆ ପାଖକୁ ଯିବା ଉଚିତ ନ ଥିଲା ବୋଲି ଡାକ୍ତର କହିଥିଲେ।

ସୂଚନାଯୋଗ୍ୟ, ଅନେକ ସମୟରେ ମେଡିସିନ ଅଭାବରୁ ରୋଗୀ ବାହାରୁ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଏଥିପାଇଁ ଅନ୍ୟ ଜିଲା ଭଳି ୨ ଘରୋଇ ମେଡିସିନ ଦୋକାନ ସହିତ ଅନୁବନ୍ଧନ କରାଯିବା ଆବଶ୍ୟକ। ଡାକ୍ତରଖାନାରେ ମେଡିସିନ ନ ମିଳିଲେ ଅନୁବନ୍ଧିତ ଦୋକାନରୁ ମେଡିସିନ ଅଣାଯାଇ ରୋଗୀଙ୍କ ଚିକିତ୍ସା କରାଯାଇପାରନ୍ତା ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଦାବି କରିଛନ୍ତି। ଜିଲାରେ ସାପ କାମୁଡ଼ାଜନିତ ମୃତ୍ୟୁ ବଢୁଥିବା ବେଳେ ଇଞ୍ଜେକ୍ସନ ଅଭାବ ଦୁଃଖର ବିଷୟ। ଡାକ୍ତରଖାନାରେ ଇଞ୍ଜେକ୍ସନ ମହଜୁଦ ରଖିବା ଉଚିତ। ଏଥିସହ ଗୁଣିଗାରେଡ଼ି ସମ୍ପର୍କରେ ସଚେତନତା ସୃଷ୍ଟିକରି ଗୁଣିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆବଶ୍ୟକ ବୋଲି ବରିଷ୍ଠ ଆଇନଜୀବୀ ସନ୍ତୋଷ ସାହୁ କହିଛନ୍ତି।

# ରାସ୍ତାକୁ ମାଡ଼ିଗଲାଣି ଅନାବନା ଗଛ


ବେଲବାହାଳି–ଡିହସାହି ରାସ୍ତା।

ରାମଚନ୍ଦ୍ରପୁର,୧୬।୭(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ବେଲବାହାଳି ପଞ୍ଚାୟତ ଅନ୍ତର୍ଗତ ଡିହସାହି ଆରଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ, ଲତା ମାଡ଼ିଗଲାଣି। ଫଳରେ ରାସ୍ତା ସଙ୍କୁଚିତ ହୋଇଯାଇଥିବାରୁ ଯାତାୟାତରେ ସମସ୍ୟା ଉପୁଜୁଥିବା ପରିଲକ୍ଷିତ ହୋଇଛି।

ସୂଚନା ଅନୁଯାୟୀ, ବେଲବାହାଳିଠାରୁ ପ୍ରାୟ ୨ କି.ମି. ବ୍ୟବଧାନ ଭିତରେ ଥିବା ଡିହସାହିର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଅନାବନା ଗଛ ରାସ୍ତା ଉପରକୁ ମାଡ଼ି ଆସିଛି। ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ବାଇକ୍ ଅତିକ୍ରମ କରିବା କଷ୍ଟକର ହେଉଛି। ରାସ୍ତା ସଙ୍କୁଚିତ ହୋଇଯାଇଥିବାରୁ ବିଭିନ୍ନ ସ୍ଥାନରେ ଥିବା ବାଙ୍କରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ଏଥିସହ ରାସ୍ତା ୨ ବର୍ଷ ପୂର୍ବେ ମରାମତି ହୋଇଥିବା ବେଳେ ବର୍ତ୍ତମାନ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ହୋଇ ସମସ୍ୟା ବଢ଼ାଇ ଦେଇଛି। ଅସରାଏ ବର୍ଷା ହେଲେ ପାଣି ଜମୁଥିବାରୁ ରାସ୍ତାରେ ଚଳପ୍ରଚଳ କରିବା କଷ୍ଟକର ହୋଇପଡୁଛି। ଆନନ୍ଦପୁର ସଦର ମହକୁମା, ବ୍ଲକ୍ କାର୍ଯ୍ୟାଳୟ, କୋର୍ଟକୁ ଏହି ରାସ୍ତାରେ ଯାଉଥିବା ଲୋକେ ସନ୍ଧ୍ୟା ପରେ ଫେରିବା କଷ୍ଟକର ହେଉଥିବା ବେଳେ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ହୀନସ୍ତା ଭୋଗ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଦୃଷ୍ଟିଦେଇ ରାସ୍ତା ମରାମତି କରିବା ସହ ୨ ପାର୍ଶ୍ୱ ସଫା କରିବାକୁ ସ୍ଥାନୀୟ ଲୋକଙ୍କ ସହ ବେଲବାହାଳି ସରପଞ୍ଚ ଦୀପ୍ତି ସାହୁ ଦାବି କରିଛନ୍ତି।

# ତହସିଲ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା


ଧାରଣାରେ ବସିଥିବା ଗ୍ରାମବାସୀ।

**ଗୋଚର ଜମିରେ ଆବାସ ନିର୍ମାଣ ଘଟଣା**

ପାଟଣା,୧୬।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୂଷାଖୋରୀ ପଞ୍ଚାୟତର ମୂଷାନାଳୀ ଗ୍ରାମର ଏକ ଗୋଚରଜମିରେ ଆବାସ ନିର୍ମାଣକୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଏ ନେଇ ଗତ ରବିବାର ପ୍ରତିବାଦ କରିଥିଲେ। ପ୍ରଶାସନିକ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ମଙ୍ଗଳବାର ଶତାଧିକ ମହିଳା ଓ ପୁରୁଷ ପାଟଣା ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

ଅଭିଯୋଗ ଅନୁଯାୟୀ, ଉକ୍ତ ଜମିରେ ଗ୍ରାମର ମହାନ୍ତ ସମ୍ପ୍ରଦାୟର ଲୋକମାନେ କାଳୀପୂଜାର ଗୋଠାନ ପୂଜା କରି ଆସୁଛନ୍ତି। ଏଥିସହ ସେଠାରେ ପଞ୍ଚାୟତର ୭ ମୌଜାର ଗୋରୁ, ଛେଳି ଆଦି ଗୃହପାଳିତ ପ୍ରାଣୀଙ୍କ ଚାରଣଭୂମି ରୂପେ ବ୍ୟବହାରକରି ଆସୁଛନ୍ତି। ଜମିରେ ଗ୍ରାମର ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କରୁଥିବାରୁ ଲୋକେ ସ୍ଥାନୀୟ ସରପଞ୍ଚ, ପାଟଣା ଥାନା, ତହସିଲଦାର, ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। କୌଣସି ଫଳ ନ ମିଳିବାରୁ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ତହସିଲଦାର ୧୫ଦିନ ଭିତରେ ଉଚ୍ଛେଦ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଜବରଦଖଲ ଉଚ୍ଛେଦ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି କୁନ୍ତଳା ମହାନ୍ତ, ଝୁନୁ ମହାନ୍ତ, ଦୟାନିଧି ମହାନ୍ତ ଓ ଶତ୍ରୁଘନ ମହାନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି। ତହସିଲଦାର ଲୀଳାବତୀ ନାୟକ କହିଛନ୍ତି, ସ୍ଥାନୀୟ ଆର୍‌ଆଇ ଫର୍ମ 'ଖ'ରେ ଜବରଦଖଲକାରୀଙ୍କୁ ଷ୍ଟେ ନୋଟିସ୍ ଦେଇଛନ୍ତି। ପାଟଣା ବିଡିଓ ଶିବଶଙ୍କର ମୁର୍ମୁଙ୍କୁ ସରକାରୀ ଜମିରେ କିଭଳି ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ଅନୁମତି ଦିଆଗଲା ବୋଲି ପଚାରିବାରୁ ସେ କହିଛନ୍ତି, କାର୍ଯ୍ୟ ଆରମ୍ଭ ପୂର୍ବରୁ ୪୦ ହଜାର ଟଙ୍କା ଦିଆଯାଇଛି। ଆଉ ଟଙ୍କା ତାଙ୍କୁ ଦିଆଯିବ ନାହିଁ। ସେ ପଟ୍ଟାଭୁକ୍ତ ଜମିରେ ଘର ନିର୍ମାଣ ନ କରନ୍ତି, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବିପିସିଏଲ୍ ଚିଫ୍ ମ୍ୟାନେଜରଙ୍କୁ ନୋଟିସ୍

**ବିନା ଅନୁମତିରେ ପାଇପ୍ ବିଛାଇବା ମାମଲା**

କେନ୍ଦୁଝର,୧୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରର ପୂର୍ତ୍ତ ବିଭାଗ ରାସ୍ତାରେ ବିନା ଅନୁମତିରେ ଗ୍ୟାସ ପାଇପ୍ ଲାଇନ ବିଛା ଘଟଣାରେ ଅତିରିକ୍ତ ଚିଫ୍ ଇଞ୍ଜିନିୟର ଦାୟିତ୍ୱରେ ଥିବା ଅଧୀକ୍ଷଣ ଯନ୍ତ୍ରୀ ଚିଫ୍ ମ୍ୟାନେଜର ଭାରତ ପେଟ୍ରୋଲିୟମ କର୍ପୋରେସନ ଲି.ଙ୍କୁ ନୋଟିସ୍ କରିଛନ୍ତି। ଗଣମାଧ୍ୟମରେ ଖବର ପ୍ରକାଶନ ପରେ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ପାଇପ ବିଛାଇବା କାମ ହେଉଥିବାରୁ ବିଭିନ୍ନ ସ୍ଥାନରେ ଟ୍ରାଫିକ ସୁରକ୍ଷାକୁ ଅବହେଳା କରାଯାଇ ଖୋଳାଯାଇଥିବା ପିଟ୍ ଗୁଡ଼ିକ ତୁରନ୍ତ ବନ୍ଦ କରିବା ସହ ମରାମତି କରିବାକୁ କୁହାଯାଇଛି। ଚିଠିର ନକଲ ଚିଫ କନଷ୍ଟ୍ରକସନ ଇଞ୍ଜିନିୟର, କେନ୍ଦୁଝରଙ୍କୁ ପ୍ରଦାନ କରାଯାଇଛି। ତେବେ ଏନେଇ ବିଭାଗ ପକ୍ଷରୁ ଥାନାରେ କୌଣସି ଲିଖିତ ଏତଲା ଦିଆଯାଇ ନ ଥିବାରୁ ଏଭଳି ନୋଟିସକୁ ନେଇ ସହରବାସୀ ସନ୍ଦେହ ପ୍ରକାଶ କରୁଛନ୍ତି। ଗତ ମାସରୁ ପାଇପ ବିଛା ଯାଉଥିବା ବେଳେ ବିଭାଗୀୟ ଯନ୍ତ୍ରୀ କିଭଳି ଜାଣି ପାରିଲେ ନାହିଁ କିମ୍ବା ଉଚ୍ଚ ଅଧିକାରୀଙ୍କୁ ସୂଚିତ କଲେ ନାହିଁ, ତାହାର ଯାଞ୍ଚ ଆବଶ୍ୟକ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି।

# ୨ ଅଟୋ ମୁହାଁମୁହିଁ, ୫ ଗୁରୁତର

**ରଥ ମହାରଣାଙ୍କ ହାତ ଛିଡ଼ିଗଲା**

ପାଟଣା,୧୬।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଧୀନ ମଲ୍ଲିପଶି– ଚିନାମାଳିପଶି ରାସ୍ତାର ଗୁଡ଼ିଆପଡ଼ା ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ରଥଯାତ୍ରା ଦେଖି ଫେରୁଥିବା ଏକ ଯାତ୍ରୀବାହୀ ଅଟୋ ସହ ମାଲବାହୀ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୫ ଜଣ ଗୁରୁତର ହୋଇଥିବା ବେଳେ ଜଣେ ରଥ ମହାରଣାଙ୍କ ହାତ ଛିଡ଼ିଯାଇଥିବା ଜଣାପଡ଼ିଛି। ପୋଲିସ ମାମଲା ରୁଜୁକରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୋମବାର ମଲ୍ଲିପଶିଠାରେ ଅନୁଷ୍ଠିତ ବାହୁଡ଼ାଯାତ୍ରା ଦେଖି ଗୁଡ଼ିଆପଡ଼ା ଗ୍ରାମର କେତେଜଣ ଲୋକ ଅଟୋ ଯୋଗେ ଗ୍ରାମକୁ ଫେରୁଥିଲେ। ଚିନାମାଳିପଶି ପାର୍ଶ୍ୱରୁ ଆସୁଥିବା ମାଲବାହୀ ଅଟୋ ଯାତ୍ରୀବାହୀ ଅଟୋକୁ ଗୁଡ଼ିଆପଡ଼ା ନିକଟରେ ଧକ୍କାଦେଇଥିଲା। ଏଥିରେ ଜୁଲି ପାତ୍ର(୧୨), ଫୁଲମଣୀ ନାଏକ, ଲକ୍ଷ୍ମଣ ମହାନ୍ତ, ହେମଲତା ମହାନ୍ତ ଏବଂ ଗୁଡ଼ିଆପଡ଼ାର ଘନଶ୍ୟାମ ମହାନ୍ତ(୪୨) ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଘନଶ୍ୟାମଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘନଶ୍ୟାମଙ୍କ ଡାହାଣ ହାତଟି କାନ୍ଧରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଛି। ସେ ମଲ୍ଲିପଶି ରଥରେ ଦୀର୍ଘ ବର୍ଷ ହେବ ମହାରଣା କାର୍ଯ୍ୟ କରି ଆସୁଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ.୨୮୪/୨୪)ରୁଜୁ ହୋଇଥିବା ଥାନା ଅଧିକାରୀ ସୁଭ୍ରାନ୍ତ ଜେନା କହିଛନ୍ତି।

# ଭାଜପାର ସମ୍ବର୍ଦ୍ଧନା ସଭା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

କେନ୍ଦୁଝର,୧୬।୭(ଦୀପକ ମିଶ୍ର/
ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଲୋକସଭା କ୍ଷେତ୍ର ଅନ୍ତର୍ଗତ ୭ ଟି ବିଧାନସଭା କ୍ଷେତ୍ରର ସମସ୍ତ ମଣ୍ଡଳର ପ୍ରମୁଖ, ବିଧାୟକ ପ୍ରାର୍ଥୀ, ନିର୍ବାଚିତ ବିଧାୟକ ଓ ଏମ୍‌ପିଙ୍କ ଉପସ୍ଥିତିରେ ମଙ୍ଗଳବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଏମ୍‌ପି ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ଼ଃ ଫକୀର ମୋହନ ନାଏକ, ଚମ୍ପୁଆ ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା, ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ଘସିପୁରା ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ, କରଞ୍ଜିଆ ସାଙ୍ଗଠନିକ ଜିଲା ସଭାପତି କୃପାସିନ୍ଧୁ ମହାନ୍ତ, ସାଧାରଣ ସମ୍ପାଦକ ଆଶିଷ ମହାନ୍ତ, ରାଜ୍ୟ ପ୍ରବକ୍ତା ସତ୍ୟବ୍ରତ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, କେନ୍ଦୁଝର ନଗରପାଳ ନିକୁ ସାହୁ, କେନ୍ଦୁଝର ଜିଲା ଭାଜପା ସାଧାରଣ ସମ୍ପାଦକ ଶୁକଦେବ ମହାନ୍ତ ମଞ୍ଚାସିନ ହୋଇ ଜିଲାରେ ଭାଜପାର ବିଜୟୀ ପାଇଁ ଦଳୀୟ କାର୍ଯ୍ୟକର୍ତ୍ତା ତଥା ନେତାଙ୍କୁ ଧନ୍ୟବାଦ ଜଣାଇଥିଲେ। କେନ୍ଦ୍ରର ମୋଦି ଓ ରାଜ୍ୟର ମୋହନ ସରକାରଙ୍କ ନେତୃତ୍ୱରେ ଓଡ଼ିଶାକୁ ପ୍ରଗତିକୁ ଶିଖରରେ ପହଞ୍ଚାଇବା ପାଇଁ ଗୁଣ୍ଡୁଚି ମୂଷା ପରି କାର୍ଯ୍ୟକର୍ତ୍ତା କାର୍ଯ୍ୟ କରିବାକୁ ଏମ୍‌ପି ଅନନ୍ତ ନାୟକ ବାର୍ତ୍ତା ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ପରିଚାଳନା କରିଥିଲେ। ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ଭୋଟ ମିଳିଥିବା ମଣ୍ଡଳର ସଭାପତିଙ୍କୁ ଏମ୍‌ପି ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# କୃଷି କର୍ମଚାରୀ କହି ଠକିନେଲେ

ପାଟଣା,୧୬।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଶରଧାପୁର ଗ୍ରାମର ଅଗ୍ରଣୀ ଚାଷୀ ଦେବାନନ୍ଦ ନାଏକ(୭୨) ଠକାମୀର ଶିକାର ହୋଇଛନ୍ତି। ଦୁର୍ବୃତ୍ତ କୃଷି କର୍ମଚାରୀଙ୍କ ପରିଚୟ ଦେଇ ତାଙ୍କଠାରୁ ୩୧ ହଜାର ଟଙ୍କା ଠକି ନେଇଥିବା ଜଣାପଡ଼ିଛି। ଏ ନେଇ ସେ ମଙ୍ଗଳବାର ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ୨ ଜଣ ବ୍ୟକ୍ତି ଦେବାନନ୍ଦଙ୍କ ଘରେ ପହଞ୍ଚି କୃଷି କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ସେ ଜଣେ ଅଗ୍ରଣୀ ଚାଷୀ ତେଣୁ ତାଙ୍କ ଘରେ କୃଷି ବିଭାଗ ତରଫରୁ କୃଷି ଯନ୍ତ୍ରପାତି, ଧାନ ବିହନ ଓ ସାର ରଖି ବିକ୍ରି କରାଯିବ। ଏ ବାବଦରେ ତାଙ୍କୁ ମାସକୁ ମାସ କିଛି କମିଶନ ଦିଆଯିବ। ଏସବୁ ସାମଗ୍ରୀ ଆଣିବାକୁ ଚେକ୍ ଆକାରରେ ୩୧ ହଜାର ଟଙ୍କା ଦେବାକୁ ପଡ଼ିବ। ସାମଗ୍ରୀ ସବୁ ସୋମବାର ସନ୍ଧ୍ୟା ସୁଦ୍ଧା ପହଞ୍ଚିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦେବାନନ୍ଦ ବିଶ୍ୱାସ କରି ତାଙ୍କୁ ୩୧ ହଜାର ଟଙ୍କାର ଚେକ୍ ଦେଇଥିଲେ। ସୋମବାର ସୁଦ୍ଧା କୃଷି ସାମଗ୍ରୀ ନ ଆସିବାରୁ କେନ୍ଦୁଝର କୃଷି ବିଭାଗ ସହ ଯୋଗାଯୋଗ କରିବାରୁ କୃଷି ବିଭାଗର ସେଭଳି କିଛି ସ୍କିମ୍ ନାହିଁ ବୋଲି ଜାଣିବାକୁ ପାଇଥିଲେ। ପରେ ସେ ଠକାମୀର ଶିକାର ହୋଇଥିବା ଜାଣି ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୨୨/୨୪ ) ରୁଜୁ କରି ତଦନ୍ତ କରୁଥିବା ଏସ୍‌ଆଇ ତାପସ କୁମାର ଦାସ କହିଛନ୍ତ।

# ଜରାଜୀର୍ଣ୍ଣ ଅବସ୍ଥାରେ ଚମ୍ପୁଆ ଦୈନିକ ବଜାର

**କାମରେ ଲାଗୁନି ପିଣ୍ଡି, ଛାତରୁ ସିମେଣ୍ଟ ଖସୁଛି**

ଚମ୍ପୁଆ,୧୬।୭(ମହେଶ୍ୱର ଦାସ)



ଦୈନିକ ପରିବା ବଜାର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି।

କେନ୍ଦୁଝର ଜିଲା ଚମ୍ପୁଆ ଦୈନିକ ପରିବା ବଜାର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ପିଣ୍ଡି କାମରେ ଲାଗୁ ନ ଥିବା ବେଳେ ଛାତରୁ ସିମେଣ୍ଟ ଖଣ୍ଡ ଖସି ଅନେକ ସମୟରେ ଚାଷୀ ଆହତ ହେଉଛନ୍ତି। ଫଳରେ ଅନେକ ଚାଷୀ ପିଣ୍ଡିରେ ନ ବସି ତଳେ ବସି ବେପାର କରିବା ଦେଖାଯାଉଛି। ଏଥିସହ ପରିବେଶ ଅସ୍ୱାସ୍ଥ୍ୟକର ହୋଇଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ପ୍ରକାଶ ଯେ, ଉକ୍ତ ବଜାର ନିକଟରେ ୨୦ରୁ ଊର୍ଦ୍ଧ୍ୱ ଦୋକାନ ଘର ରହିଛି। ଚାଷୀ ବସି ବ୍ୟବସାୟ କରିବା ନେଇ ନିର୍ମିତ ପିଣ୍ଡି ଖରାପ ହୋଇଯାଇଛି। ଛାତରୁ ପଲସ୍ତରା ଖସୁଥିବାରୁ ଚାଷୀ ଅସୁରକ୍ଷିତ ମନେ କରୁଛନ୍ତି। ଚାଷୀ ବାଧ ହୋଇ ପିଣ୍ଡି ବାହାରେ ବସି ବ୍ୟବସାୟ କରିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଉକ୍ତ ବଜାର ମଝିରେ ଥିବା ଅଳିଆ ଗଦା ଓ ବଜାର ୨ ପାର୍ଶ୍ୱରେ ଥିବା ଡ୍ରେନ୍ ପରିବେଶକୁ ଦୁର୍ଗନ୍ଧମୟ କରୁଛି। ଅନେକ ସମୟ ଗନ୍ଧମୟ ପରିସ୍ଥିତି ପାଇଁ ଦୋକାନୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗନ୍ଧମୟ ପରିସ୍ଥିତି ପାଇଁ ଦୈନିକ ବେପାର କରିବାକୁ ଆସୁଥିବା ଚାଷୀ, ବ୍ୟବସାୟୀ ପିଣ୍ଡିରେ ନ ବସି ରାସ୍ତା କଡ଼ରେ ରହି ବ୍ୟବସାୟ କରୁଛନ୍ତି। ଏ ନେଇ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନ କହିଛନ୍ତି, ପିଣ୍ଡି ଛାତ ମରାମତି ପାଇଁ ବ୍ୟୟ ଅଟକଳ ନିମନ୍ତେ ଯନ୍ତ୍ରୀଙ୍କୁ ସୂଚନା ଦିଆଯାଇଛି। ମାତ୍ର ସେ ସମୟ ଗଡ଼ାଇ ଚାଲିଛନ୍ତି। ଅନ୍ୟପକ୍ଷରେ ଗନ୍ଧମୟ ପରିସ୍ଥିତି ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସହ ଆଲୋଚନା କରି ତୁରନ୍ତ ବ୍ୟବସ୍ଥା କରିବାକୁ ସୂଚନା ଦିଆଯିବ ବୋଲି ସେ କହିଛନ୍ତି।

# ପୂର୍ବାଞ୍ଚଳ ମୂକବଧିର କ୍ରିକେଟ୍ ଦଳରେ ସୌଭାଗ୍ୟ

ଯୋଡ଼ା,୧୬।୭(ମାନସ ମହାନ୍ତି)



ଜାମ୍ମୁକାଶ୍ମୀରରେ ଅନୁଷ୍ଠିତ ହେବାକୁ ଥିବା ମୂକବଧିର ଜୋନାଲ କ୍ରିକେଟ୍ ଟୁର୍ନାମେଣ୍ଟ ପାଇଁ ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଛନ୍ତି ଯୋଡ଼ାର ସୌଭାଗ୍ୟ କୁମାର ମହାନ୍ତି। ଜୁଲାଇ ୧୭ ରୁ ୨୧ ତାରିଖ ମଧ୍ୟରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ଏଥିରେ ଓଡ଼ିଶାର ସମୁଦାୟ ୪ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଏହି ଜୋନାଲ ପ୍ରତିଯୋଗିତାରେ ପ୍ରଦର୍ଶନ ଆଧାରରେ ଏସୀୟ ଚାମ୍ପିଅନଶିପ ପାଇଁ ଭାରତୀୟ ଦଳ ଚୟନ କରାଯିବ। ସୌଭାଗ୍ୟ ହେଉଛନ୍ତି ଯୋଡ଼ାସ୍ଥିତ ବଣେଇ କଳାରେ ରହୁଥିବା ରାଧାଗୋବିନ୍ଦ ମହାନ୍ତି ଓ ଝିଲ୍ଲିରାଣୀ ମହାନ୍ତିଙ୍କ ପୁତ୍ର ଅଟନ୍ତ। ସୌଭାଗ୍ୟ ଜଣେ ଉଚ୍ଚ ଶିକ୍ଷିତ ହୋଇଥିବା ବେଳେ ତାଙ୍କର କ୍ରିକେଟ୍ ପ୍ରତି ରୁଚି ଅଧିକ ରହିଛି। ଓଡ଼ିଶା ଡ଼ିଫ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ସେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଖ୍ୟାତି ଅର୍ଜନ କରିଛନ୍ତି।

# ଅବକାରୀ ଚଢ଼ାଉ, ୩ ଗିରଫ

ମୋରଡ଼ା,୧୬।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ଅବକାରୀ ଅଧିକାରୀ ବ୍ରଜ ମୋହନ ମଲ୍ଲିକଙ୍କ ସୂଚନା ମୁତାବକ, ରାସଗୋବିନ୍ଦପୁର ଥାନା ଅଧୀନ ତମ୍ଭାଖୁରୀ ଓ ନୁଣଚାଟି ଗ୍ରାମରେ ଚଢ଼ାଉ କରି ଯଥାକ୍ରମେ ୩୩୦ ଲିଟର ଦେଶୀ ମଦ ଓ ୨.୭ଲିଟର ବିଦେଶୀ ମଦ, ୭.୮ଲିଟର ବିଅର ଜବତ କରିବା ସହିତ ଯାଦବ ଜେନା ଓ ଅଧାର ମାହାନାଙ୍କୁ ଗିରଫ କରିଛି। ସେହିପରି ମୋରଡ଼ା ଥାନା ଅଧୀନ ନୂଆଗାଁ ଗ୍ରାମରେ ଚଢ଼ାଉ କରି ୧୫ ଲିଟର ଦେଶୀ ମଦ ଜବତ କରିବା ସହିତ ଉମେଶ ଚନ୍ଦ୍ର ମହାନ୍ତଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଏଏସ୍‌ଆଇ ବିଜୟ କୁମାର ମହାନ୍ତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# କାମ ନ ହୋଇ ପଡ଼ିରହିଛି ଅର୍ଥ

## ଖଇରା ପଞ୍ଚାୟତ ସମିତି ବୈଠକ

■ ବର୍ଷିଲେ ଏମ୍‌ପି, ବିଧାୟକ

ଖଇରା, ୧୬।୭ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମିତିର ୯ମ ଅଧିବେଶନ ବ୍ଲକ ସଭାଗୃହରେ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ପୌରହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ, ଖାଦ୍ୟ ଯୋଗାଣ, ଜଳସେଚନ, ଉନ୍ନୟନମୂଳକ କାର୍ଯ୍ୟ, ପାନୀୟଜଳ ଓ ପରିମଳ, ମିଶନଶକ୍ତି ବିଷୟରେ ଆଲୋଚନା କରାଯାଇଥିଲା। ଯାଶ, ଆମଗାଁ ଆମବିକାଶ, ଅଙ୍ଗନୱାଡି ଗୃହ ନିର୍ମାଣ ଭଳି ବିଭିନ୍ନ ଯୋଜନାରେ ବର୍ଷ ବର୍ଷ ଧରି ଅର୍ଥ ପଡ଼ିରହିବା ଉପରେ ଏମ୍‌ପି ଅଭିମନ୍ୟୁ ସେଠୀ ଓ ବିଧାୟକ ପଦ୍ମଲୋଚନ ପଣ୍ଡା ଅସନ୍ତୋଷ ପ୍ରକାଶ କରିଥିଲେ। ପଞ୍ଚାୟତସ୍ତରରେ କେତେ ଅର୍ଥ ଖର୍ଚ୍ଚ ହୋଇ ନ ପାରି ପଡ଼ିରହିଛି ପରବର୍ତ୍ତୀ ବୈଠକରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ଗୃହକୁ କୁହାଯାଇଥିଲା। ଏଥସହ ଗ୍ରାମ୍ୟ ଉନ୍ନୟନ, ଖଇରା ତହସିଲ, ଖଇରା ଥାନା, ଜଳସେଚନ ବିଭାଗ ବିଦ୍ୟାଧରପୁର ଡିଭିଜନ, ଉଠାଜଳସେଚନ, ଅବକାରୀ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ କୈଫୟତ ତଲବ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଯୋଜନାରେ କୁପାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନଗୃହ ନିର୍ମାଣ ପାଇଁ ଆସିଥିବା ୧କୋଟି ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନ ପାରି ଫେରିଯିବାକୁ ନେଇ ଜିଲାପରିଷଦ ସଭ୍ୟ ଗଜେନ୍ଦ୍ର ଦାସ ସ୍ୱାସ୍ଥ୍ୟ ବିଭାଗକୁ ଦାୟୀ କରିଥିଲେ। ନନ୍ଦୁର ଏଏନ୍‌ଏମ୍ ଗୃହ କାର୍ଯ୍ୟକୁ ଅଯଥା ବନ୍ଦ କରି ରଖାଯିବାକୁ ନେଇ ସରପଞ୍ଚ ଜୟନ୍ତୀ ପତି ଅଭିଯୋଗ କରିଥିଲେ। ରାଣୀତାଲ କେନାଲଠାରୁ ଦିଗଛିଆ ରାସ୍ତା କାମ ସରିବାର ୧ବର୍ଷ ପରେ ମଧ୍ୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ବିଲ୍ ମିଳୁ ନ ଥିବା ନେଇ ଗୃହରେ ସରଗରମ ଆଲୋଚନା ହୋଇଥିଲା। ଏହାକୁ ନେଇ ସଭାଗୃହ ସମ୍ମୁଖରେ ୯ଜଣ ୱାର୍ଡସଭ୍ୟ ବେଶ କିଛି ସମୟଧରି ଧାରଣାରେ ବସିଥିଲେ। ଏମ୍‌ପି ଏଥିରେ ହସ୍ତକ୍ଷେପ କରି ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥିବା ବେଳେ କାହିଁକି ବାହାର ଲୋକଙ୍କୁ କାମ କରିବାକୁ ଦିଆଗଲା ଏବଂ ଯଦି ଦିଆଗଲା ତେବେ କ'ଣପାଇଁ ତାଙ୍କ ବିଲ୍‌କୁ ଅଟକାଇ ରଖାଇଯାଇଛି ବୋଲି ଗୃହରେ ପ୍ରସଙ୍ଗ ଉଠାଇ ଏହି ବିଲ୍ ପ୍ରଦାନର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଆମ୍ବହତା କେନାଲ ଉପରେ କେତେଜଣ ଲୋକପ୍ରତିନିଧି ଏକାଧିକ ପ୍ରଶ୍ନ କରିଥିବା ବେଳେ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବାରୁ ଏହା ଉପରେ ସ୍ୱତନ୍ତ୍ର ବୈଠକ ଡାକିବାକୁ ବିଡିଓ ଅନନ୍ତ କୁମାର ହାଁସଦାଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଖୁବଶୀଘ୍ର ବିଏଲ୍‌ଏସି ବୈଠକ ପୁନର୍ଗଠନ କରି ନୂତନ ଡିଲର ନିଯୁକ୍ତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା, ବାଘୁଆସାହି ନିକଟରେ କେନାଲ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବା, ମହତୀପୁର ଆର୍‌ଆଇ ଅଫିସ କାର୍ଯ୍ୟ ଆରମ୍ଭ, ଲକ୍ଷ୍ମୀବସ ଚଳାଚଳ, ଆଳଦା-କଇଥଗଡ଼ିଆ ରାସ୍ତା ସମ୍ପୂର୍ଣ୍ଣ, ବିଭିନ୍ନ ପଞ୍ଚାୟତରେ ହାଇମାକ୍ସ ଲାଇଟ ଲଗାଯିବାକୁ ନେଇ ବୈଠକରେ ଆଲୋଚନା କରାଯାଇଥିଲା।



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

## ସଂକ୍ଷେପରେ

### ସାପକାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ

ବାହାନଗା, ୧୬।୭ (ଅରୂପ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଫତେପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କମଳଲୋଚନ ନାୟକଙ୍କ ପୁଅ ରଶ୍ମୀରଞ୍ଜନ(୧୩)। ସୋମବାର ରାତିରେ ଘରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ ଦଂଶନ କରିଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ଚୋରି ବାଇକ୍ ଜବତ

ସୋର, ୧୬।୭ (ଜନ୍ମେଜୟ ମିଶ୍ର)

ସୋର ଥାନା ଗୁଡ଼ ଗ୍ରାମରୁ ଏକ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଜବତ କରିବା ସହିତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାସୁଦେବପୁର ଥାନା ବ୍ରାହ୍ମଣୀଗାଁ ଗ୍ରାମର ହରିହର ସାମଲ। ସୂଚନା ଅନୁଯାୟୀ, ବାଲେଶ୍ୱର ସଦର ଥାନା ମହାପଡା ଗ୍ରାମର ଘନଶ୍ୟାମ ଧଳଙ୍କ ପୁଅ କାହ୍ନୁ ନିଜ ବାଇକ୍‌କୁ ରଖି ଗୁଡ଼ ଗାଁରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ଦେଖିବାକୁ ମନ୍ଦିର ନିକଟକୁ ଯାଇଥିଲେ। ସେଠାରୁ ଫେରି ତାଙ୍କ ବାଇକ୍ କେହି ଚୋରାଇ ନେଇଥିବା ଜାଣିବାକୁ ପାଇ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୬୫୦/୨୪) ରୁଜୁ କରି ତଦନ୍ତ ଚଳାଇଥିଲା।

### ଶିକ୍ଷୟିତ୍ରୀଙ୍କ ବିୟୋଗରେ ସ୍ମୃତିସଭା

ଖଇରା, ୧୬।୭ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅଧୀନ ଗଗନଧୂଳି ଗ୍ରାମର ଦିବଂଗତ ଶିକ୍ଷୟିତ୍ରୀ ତୁଳସିମଣୀ ପଣ୍ଡା(୮୪)ଙ୍କ ବିୟୋଗରେ ଏକ ସ୍ମୃତିସଭା ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବ୍ରାହ୍ମଣସମିତି ଆନୁକୂଲ୍ୟରେ ଆୟୋଜିତ ସଭାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ। ସଦସ୍ୟ ବୁଦ୍ଧିରାମ ପାଣିଗ୍ରାହୀ, ରମାକାନ୍ତ ଶତପଥୀ, ଦୀନବନ୍ଧୁ ଦାଶ, ଶ୍ୟାମସୁନ୍ଦର ପଣ୍ଡା, ପଦ୍ମନାଭ ପଣ୍ଡା, ଅନନ୍ତ ଦାଶ, ବାଞ୍ଛାନିଧି ଦାଶ, ନୃସିଂହ ଦାଶ, ବିଭୂତି ତ୍ରିପାଠୀ ପ୍ରମୁଖ ଦିବଂଗତ ଶିକ୍ଷୟିତ୍ରୀଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ପର୍ଶୁରାମ ପଣ୍ଡା ଅତିଥି ନିମନ୍ତ୍ରଣ, ବିମଳ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ସୁନିଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ ଗୌର ପାଠୀ, ଶରତ କୁମାର ପଣ୍ଡାଙ୍କ ଦ୍ୱାରା ଦିବସବ୍ୟାପି ଗୀତାଯଜ୍ଞର ଆୟୋଜନ କରାଯାଇଥିଲା।

### ରୋଗୀ କଲ୍ୟାଣ ସମିତି ବୈଠକ

ଜଳେଶ୍ୱର, ୧୬।୭ (ରବିନାରାୟଣ ପାତ୍ର)

ସମଗ୍ର ଉତ୍ତର ବାଲେଶ୍ୱରର ସ୍ୱାସ୍ଥ୍ୟସେବାର ରେଫାରାଲ ୟୁନିଟ୍‌ଭାବେ ପରିଚିତ ଜିକେଭଙ୍ଗର ଡାକ୍ତରଖାନାର ରୋଗୀକଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଡାକ୍ତରଖାନା ପରିସରରୁ ବର୍ଷାଜଳ ନିଷ୍କାସନ, ନୂତନ ଡାକ୍ତର, ଫାର୍ମାସିଷ୍ଟ ଓ ନର୍ସ ନିଯୁକ୍ତି, କ୍ୱାର୍ଟର୍ସ ମରାମତି, ନୂତନ ବିଦ୍ୟୁତ୍ ଯୋଗାଣ, ଡାକ୍ତରଙ୍କ ସୁରକ୍ଷା, ଚଳିତବର୍ଷର ବଜେଟ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ଥାନୀୟ ବିଧାୟକ ତଥା ରୋଗୀ କଲ୍ୟାଣ ସମିତିର ସଭାପତି ଅଶ୍ୱିନୀ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଗତ ବୈଠକରେ ଆଲୋଚିତ କାର୍ଯ୍ୟ ହୋଇ ନ ଥିବାରୁ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଭାରପ୍ରାପ୍ତ ଡାକ୍ତର ସଞ୍ଜୟ କୁମାର ପଣ୍ଡା, ସଦସ୍ୟ ଅଶୋକ ପାତ୍ର, ଡିପିଏମ୍ ଅନିଲ ମହାନ୍ତି ଗତ ବିବରଣୀ କାର୍ଯ୍ୟକାରୀ ହୋଇପାରି ନ ଥିବା ସମ୍ପର୍କରେ କେତେକ ତଥ୍ୟ ଉପସ୍ଥାପନ କରିଥିଲେ। ଚଳିତବର୍ଷ ୬ଲକ୍ଷ ୭ ହଜାର ଟଙ୍କାର ବଜେଟ ଉପସ୍ଥାପନ କରାଯାଇଥିଲା। ବାରମ୍ବାର ଡାକ୍ତରଖାନାରେ ଗଣ୍ଡଗୋଳ ଉପୁଜୁଥିବାରୁ ପୋଲିସ୍ ମୁତୟନ, କାଫେକୁ କାର୍ଯ୍ୟକ୍ଷମ କରିବା, ଅଧିକ ଷ୍ଟାଫ, ନର୍ସ, ଫାର୍ମାସିଷ୍ଟ ନିଯୁକ୍ତି ସମ୍ପର୍କରେ ସିଡିଏମ୍‌ଓଙ୍କ ସହ ଫୋନ ଯୋଗ ଆଲୋଚନା ହୋଇଥିଲା। ପୌରାଧ୍ୟକ୍ଷ ପ୍ରତୀପ ପ୍ରଧାନ, ଡ. ରମାକାନ୍ତ ଭଞ୍ଜ, ଅର୍ଚ୍ଚନା ଗିରି, ଭବାନୀଶଙ୍କର ନାୟକ, ଟାଟା ପାୱାରର ଏସ୍‌ଡିଓ ଭୁବନାନନ୍ଦ ସାହୁ, ପୂର୍ତ୍ତବିଭାଗର ଏସ୍‌ଡିଓ ଅବିନାଶ ବେହେରା, ତୁଷାର ରଞ୍ଜନ ସେଠୀ, ଏନ୍‌ଆର୍‌ଏଚ୍‌ଏମ୍‌ର ଆଶୁତୋଷ ପାଣିଗ୍ରାହୀ, ବିପିଏମ୍ ସ୍ମିତା ପ୍ରମାଣିକ, ପିଏଚ୍‌ଡିର ସହକାରୀ ଯନ୍ତ୍ରୀ ଶେଷନାଥ ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ସିଡିପିଓ ଚମ୍ପାମଣି ମୁର୍ମୁ, ଗୀତାଞ୍ଜଳି ସାମନ୍ତ, ସୁରଜିତ ଘୋଷ, ଅବନୀ ଚାନ୍ଦ ପ୍ରମୁଖ ସଭ୍ୟମାନେ ଉପସ୍ଥିତ ଥିଲେ।

# ଅଧାବାଟରେ ଅଟକିଲେ ଚତୁର୍ଦ୍ଧାମୂର୍ତ୍ତି

## ନୀଳଗିରିରେ ବାହୁଡ଼ାଯାତ୍ରା

ନୀଳଗିରି, ୧୬।୭ (ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରିଠାରେ ମହାପ୍ରଭୁଙ୍କ ପ୍ରଥମ ଦିନର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ସମସ୍ତ ରୀତିନୀତି ପରେ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଦିବ୍ୟ ଦୁର୍ଲ୍ଲଭ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ରଥକୁ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଶ୍ରୀମନ୍ଦିର ଆଡ଼କୁ ଟାଣି ଟାଣି ନେଇଥିଲେ।

ପରମ୍ପରା ଅନୁସାରେ, ନୀଳଗିରିରେ ୨ଦିନ ଧରି ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଥମ ଦିନରେ ଶ୍ରଦ୍ଧାଳୁ ଓ ଜଗନ୍ନାଥପ୍ରେମୀ ଗୁଣ୍ଡିଚା ମନ୍ଦିର ନିକଟରୁ ରଥଟାଣି ବଡ଼ଦାଣ୍ଡ ଅଧାରାସ୍ତା ତଥା ଶଙ୍କରାଖୁଣ୍ଟା ପୋଖରୀ ସମ୍ମୁଖରେ ପହଞ୍ଚାଇଥାନ୍ତି। ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ଗୋଟିଏ ରାତି ରହିବା ପରେ ପୁଣି ବୁଧବାର ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ। ସହକାରୀ ଜିଲାପାଳ ରଞ୍ଜନ କୁମାର ସେନାପତି ରଥ ପରିଚାଳନା ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ। ଶରତ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ବାହୁଡ଼ାଯାତ୍ରା କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଜିଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଉପ-ଜିଲାପାଳ ମନ୍ଦରଧର ମାହାଳିକ, ଏସ୍‌ଡିପିଓ ରିତେଶ କୁମାର ମହାପାତ୍ର, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ନିୟନ୍ତ୍ରଣ କରି ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ବହୁ ସଂଖ୍ୟାରେ ଲୋକ ସ୍ଥାନୀୟ କେସି ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଦର୍ଶନୀ ମେଳା ଦେଖିବାକୁ ଭିଡ଼ ଜମାଇଥିଲେ।


ବାହୁଡ଼ାଯାତ୍ରା ଉପଲକ୍ଷେ ରଥକୁ ଟାଣି ନେଉଛନ୍ତି ଶ୍ରଦ୍ଧାଳୁ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାହୁଡ଼ାଯାତ୍ରା


ମହାପ୍ରଭୁଙ୍କ ପହଣ୍ଡି ବିଜେ।

ବାଲେଶ୍ୱର, ୧୬।୭ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ମାଉସୀ ମା'ଙ୍କ ଘରେ ତିନି ଠାକୁର ଦୀର୍ଘ ୯ ଦିନ ରହି ଦର୍ଶନ ଦେବା ପରେ ବିଶ୍ୱବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ରମାନଙ୍କ ଗହଣରେ ରଥଟଣା ହୋଇ ଶ୍ରୀମନ୍ଦିର ନିକଟରେ ପହଞ୍ଚିଛନ୍ତି। ମୁଖ୍ୟ ସେବକ ତଥା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଆଡ଼ପ ମଣ୍ଡପ ଉପରେ ସମସ୍ତ ନୀତିକାନ୍ତି ସମାପନ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରରୁ ପହଣ୍ଡିରେ ଯାଇ ଚତୁର୍ଦ୍ଧାମୂର୍ତ୍ତି ରଥ ଉପରେ ବିଜେ କରିଥିଲେ। ଏହାପରେ କୁଳପତିଙ୍କ ଦ୍ୱାରା ଛେରାପହଁରା ସରିବା ପରେ ନୃତ୍ୟ, ଭଜନ, ସଂକୀର୍ତ୍ତନ, ଘଣ୍ଟ ଓ ହରିବୋଲ ସହ ଜୟ ଜଗନ୍ନାଥ ଧ୍ୱନୀରେ ବିଶ୍ୱବିଦ୍ୟାଳୟର ପରିବେଶ ଅତ୍ୟନ୍ତ ଭକ୍ତିମୟ ହୋଇଯାଇଥିଲା। ଏହି ଅବସରରେ ରଥ ନିର୍ମାଣକାରୀ ବିଶ୍ୱକର୍ମା ଓ ପ୍ରସାଦ ଭୋଜନ ପ୍ରସ୍ତୁତକାରୀ ବ୍ୟକ୍ତିବିଶେଷଙ୍କୁ କୁଳପତି ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଆସନ୍ତା ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ତିନି ଦିଅଁଙ୍କ ସମସ୍ତ ନୀତିନିୟମ ସମ୍ପନ୍ନ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣାପଡ଼ିଛି।

## ସୁବର୍ଣ୍ଣରେଖା ନଦୀ ଆଳତି

ବାଲିଆପାଳ, ୧୬।୭ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଇକାଡ଼ପାଳ ଗ୍ରାମସ୍ଥିତ ସୁବର୍ଣ୍ଣରେଖା ନଦୀ କୂଳରେ ମଙ୍ଗଳବାର ସନ୍ଧ୍ୟାରେ ସୁବର୍ଣ୍ଣରେଖା ସୁରକ୍ଷା ଅଭିଯାନ ଶାଖା ବାଲିଆପାଳର ଆବାହକ ଅରୁଣ ଜେନାଙ୍କ ନେତୃତ୍ୱରେ ଏକ ଭବ୍ୟ ନଦୀ ଆଳତି ଅନୁଷ୍ଠିତ ହୋଇଛି। ନଦୀ ଜୀବଜଗତକୁ ପାଳନ କରି ଆସୁଥିବାରୁ ନଦୀ ମାତୃକାର ସୁରକ୍ଷା, ନଦୀକୁ ପ୍ରଦୂଷଣମୁକ୍ତ କରିବା, ନଦୀର ଜଳ ପ୍ରବାହକୁ ନିରବଚ୍ଛିନ୍ନ କରିବା ଲଗି ଜନ ସାଧାରଣଙ୍କୁ ନଦୀ ସହିତ ଯୋଡ଼ିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ପୁରୁଷ ଓ ପିଲାମାନଙ୍କୁ ଏକତ୍ରିତ କରାଯାଇ ନଦୀକୁ ପୂଜା କରିବା ସହିତ ସମସ୍ତଙ୍କୁ ନଦୀ ସହିତ ଯୋଡିବା ପାଇଁ ନଦୀ ଆଳତି କରଯାଇଥିଲା। ଆମ ସୁବର୍ଣ୍ଣରେଖା ନଦୀ କୋଟି କୋଟି ପ୍ରାଣର ସଞ୍ଜିବନୀ, ସୁବର୍ଣ୍ଣ ଧାରିଣୀ ସୁବର୍ଣ୍ଣରେଖା ଆମର ଜୀବନ ରେଖା ବୋଲି ସୁବର୍ଣ୍ଣରେଖା ନଦୀ ସୁରକ୍ଷା ଅଭିଯାନ ବାଲିଆପାଳ ଶାଖାର ଆବାହକ ଜେନା କହିଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର ଆବାହକ ଅନୁଜ ମହାପାତ୍ର, ଦିବାକର ଦାସ, ଅମୂଲ୍ୟ ପଟ୍ଟାୟତ, କବିତା ଜେନା, ପଦ୍ମାବତୀ ପଟ୍ଟାୟତ, କରୁଣାକର ଜେନା, ନମିତା ବେହେରା, ଝୁମା ମଙ୍ଗରାଜଙ୍କ ସମେତ ବହୁ ସ୍ଥାନୀୟ ଲୋକମାନେ ସାମିଲ ଥିଲେ।

# 'ଉଚ୍ଚ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାପ୍ରେମୀ ଅଣ୍ଟା ଭିଡ଼ନ୍ତୁ'

ଭୋଗରାଇ, ୧୬।୭ (ପ୍ରଦୀପ ଦାସ)

ଆର୍ଥିକ ଓ ସାମାଜିକ ସ୍ଥିତି ଯୋଗୁ ବହୁ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ପାଇଁ ଅଧାରୁ ପାଠ ଛାଡୁଛନ୍ତି। ଏହା ଅତ୍ୟନ୍ତ ଉଦ୍‌ବେଗ ଜନକ। ଯେଉଁ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ସରକାରୀ ଓ ବେସରକାରୀ ଭାବେ ଉଚ୍ଚ ଶିକ୍ଷା ପ୍ରୋତ୍ସାହନ ଦେବା ନିମନ୍ତେ ଶିକ୍ଷାପ୍ରେମୀ ଓ ବୁଦ୍ଧିଜୀବୀମାନେ ଅଣ୍ଟା ଭିଡ଼ନ୍ତୁ ବୋଲି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ ନିକଟ ଇଏଡିଡିଏ ଶିକ୍ଷାନୁଷ୍ଠାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଦାସ ଏହା କହିଛନ୍ତି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ମଧୁସୂଦନ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ ଗୋବିନ୍ଦ ଚନ୍ଦ୍ର ଜେନା। ମୁଖ୍ୟବକ୍ତା ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ କେଦାରସିଂ ଦାସ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷ ମୀନାରାଣୀ ସାସମଲ, ସରପଞ୍ଚ ପ୍ରଦୀପ କୁମାର ବେହେରା, ପ୍ରାକ୍ତନ ସରପଞ୍ଚ ତପନ କୁମାର ପଣ୍ଡା ପ୍ରମୁଖ ଉଚ୍ଚ ଶିକ୍ଷା ନିମନ୍ତେ ଛାତ୍ରୀଛାତ୍ର ସମସ୍ତ ପ୍ରତିକୂଳ ଅବସ୍ଥାରେ ମନୋବଳ ଦୃଢ଼ ରଖି ଆଗକୁ ବଢ଼ିଲେ ସ୍ୱପ୍ନ ସଫଳ ହୁଏ ବୋଲି ପ୍ରକାଶ କରିଥିଲେ। ହିମାଂଶୁ ଶେଖର ଜେନା, ରାଜନାରାୟଣ ସାହୁ, ଛାତ୍ରୀଛାତ୍ର ପ୍ରମୁଖ ଉତ୍ସବପରିଚାଳନା କରିଥିଲେ।



ଉତ୍ସବରେ ଭୋଗରାଇ ବିଧାୟକ ବକ୍ତବ୍ୟ ଦେଉଛନ୍ତି।

# 'ପାନୀୟ ଜଳକଷ୍ଟରୁ ମୁକ୍ତହେବ ବାଲେଶ୍ୱର'

## କାର୍ଯ୍ୟକାରୀ ହେବ ଅମୃତ ଯୋଜନା

ବାଲେଶ୍ୱର, ୧୬।୭ (ମାନସ ବିଶ୍ୱାଳ)

ବାଲେଶ୍ୱର ସହରରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବ ଅମୃତ ଯୋଜନା। ଫଳରେ ପାନୀୟ ଜଳକଷ୍ଟରୁ ମୁକ୍ତ ହେବେ ସହରବାସୀ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ କେନ୍ଦ୍ର ସରକାରଙ୍କ ଅମୃତ ସହର ଯୋଜନାରେ ପାନୀୟ ଜଳ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇ ଏହା କହିଛନ୍ତି।

ନିର୍ବାଚନ ସମୟରେ ଜାରି ହୋଇଥିବା ସଂକଳ୍ପ ପତ୍ରର ପ୍ରତ୍ୟେକ ପ୍ରତିଶ୍ରୁତି ପାଳନ ପାଇଁ ଅଭିଯାନ ଜାରି ରଖିଥିବା ବିଧାୟକ ଦତ୍ତ କହିଛନ୍ତି। ବିଧାୟକ ଭାବେ ନିର୍ବାଚିତ ହେବାର କିଛି ଦିନ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସମୀକ୍ଷା ବୈଠକ ମାଧ୍ୟମରେ ନିର୍ବାଚନମଣ୍ଡଳୀର ଜନସାଧାରଣ ସାମ୍ନା କରୁଥିବା ସମସ୍ୟାଗୁଡ଼ିକର ଆଶୁ ତଥା ଦୀର୍ଘମିଆଦି ସାମାଧାନ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ୨୦୧୪ରୁ କେନ୍ଦ୍ର ସରକାରଙ୍କ ଅନୁଦାନରେ ଆରମ୍ଭ ହୋଇଥିବା ଅମୃତ ସହର ଯୋଜନାରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରିତାକୁ ନେଇ ସହରବାସୀଙ୍କ ମନରେ ସୃଷ୍ଟି ହୋଇଥିବା ପ୍ରଶ୍ନକୁ ଦୂର କରିବା ଦିଗରେ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ନୂତନ ସରକାର ଗଠନ ହୋଇଥିବାରୁ ଜନସାଧାରଣଙ୍କ ସମସ୍ୟା ନିବାରଣ ଦିଗରେ ସକାରାତ୍ମକ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରି ନଦୀଜଳକୁ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପୂର୍ବ ସରକାରଙ୍କ ଅମଳରେ ବନ୍ଦ ହୋଇ ଯାଇଥିବା ବୁଢ଼ାବଳଙ୍ଗ ନଦୀ ଜଳ ବିଶୋଧନ ଦ୍ୱାରା ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଦିଗରରେ ପଦକ୍ଷେପ ନିଆଯିବ। ଏଥିସହିତ ସହରବାସୀ ନିରନ୍ତର ପାନୀୟ ଜଳ ପାଇବା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନୂତନ ପାଇପ୍ ବିଛାଇବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅନ୍ୟପକ୍ଷରେ ଜନସାଧାରଣଙ୍କ ଅଭିଯୋଗ ଉପରେ ତ୍ୱରିତ୍ ପଦକ୍ଷେପ ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବାଲେଶ୍ୱର ସହରାଞ୍ଚଳର ପ୍ରତ୍ୟେକ ସେକ୍ସନରେ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ ପାଇଁ ପଦକ୍ଷେପ ନେବେ। ପୂର୍ବ ସରକାରଙ୍କ ଅମଳରେ ଜନସ୍ୱାସ୍ଥ୍ୟ ବିଭାଗ ଅବହେଳିତ ଅବସ୍ଥାରେ ରହିଥିବାରୁ ଏହାର ପୁନଃରୁତ୍ଥାନ ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସହ ଆଲୋଚନା କରାଯିବ ବୋଲି ବିଧାୟକ ଦତ୍ତ କହିଥିଲେ। ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ନବୀନ ସିଂହ, ଏସ୍‌ଡିଓ ବିଷ୍ଣୁପଦ ଦାସ, କନିଷ୍ଠ ଯନ୍ତ୍ରୀ ହିରାଲାଲ ନାୟକ ଓ ଅନୁପମା ସାହୁ ପ୍ରମୁଖ ସମୀକ୍ଷା ବୈଠକର ଉପସ୍ଥିତ ରହି ବିଧାୟକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହିତ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଭିତ୍ତିଭୂମୀ ଓ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

ବୈଠକରେ ବରିଷ୍ଠ ଭାଜପା ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ବାଲେଶ୍ୱର ପୌର ପରିଷଦର କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ରୋଜାଲିନ ପାଣି, ପ୍ରତିମା ବେହେରା, ନିତ୍ୟଗୋପଲ ସିଂ, ବିଭୂପଦ ଦାସ, ଜୟ ପ୍ରକାଶ ଦାଶଙ୍କ ସମେତ ବିଭିନ୍ନ ୱାର୍ଡ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ପାନୀୟ ଜଳ ଯୋଗାଣକୁ ନେଇ ଦେଖାଦେଉଥିବା ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ।


ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟକ ଓ ଅଧିକାରୀମାନେ।

# କକା-ପୁତୁରାଙ୍କ ଉପରେ ଚଢ଼ିଗଲା ଟ୍ରକ୍

ବାରିପଦା, ୧୬।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ଉପକଣ୍ଠ ଦେଇ ଯାଇଥିବା ୧୮ନଂ. ଜାତୀୟ ରାଜପଥର ପାଲବଣିଠାରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଟ୍ରକ୍ ସମ୍ପର୍କୀୟ କକା ଓ ପୁତୁରାଙ୍କ ଉପରେ ମାଡ଼ିଯିବାରୁ ଦୁହିଁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଅଧୀନ ଶିରିଶବଣି ଗ୍ରାମର ସୁନ୍ଦର ମୋହନ ମୁର୍ମୁ(୪୨) ଓ ବ୍ରଜମୋହନ ହାଁସଦା(୪୨)।

ସୂଚନାଯୋଗ୍ୟ, ଏକ ବ୍ୟାଟେରିଚାଳିତ ସ୍କୁଟିରେ ଦୁହେଁ ଘରକୁ ଫେରୁଥିଲେ। ବାରିପଦା ସହରକୁ ପ୍ରବେଶ ପଥ ପାଲବଣିଠାରେ ଓଭରବ୍ରିଜ୍‌ରୁ ମାଲବୋଝେଇ ଟ୍ରକ୍‌ଟି ଓହ୍ଲାଉଥିବା ସମୟରେ ସ୍କୁଟିକୁ ସମ୍ମୁଖରୁ ଧକ୍କାଦେଇଥିଲା। ଟ୍ରକ୍‌ଟି ଗତି ନିୟନ୍ତ୍ରଣ କରି ନ ପାରି ଉଭୟଙ୍କ ଉପରେ ଚଢ଼ିଯାଇଥିଲା। ଚାପିହୋଇ ଦୁହିଁଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତକରି ପିଆର୍‌ଏମ୍ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ତେବେ ସେହି ସ୍ଥାନରେ ରାସ୍ତା ବାଙ୍କ ସହିତ ଗଡ଼ାଣି ରହିଥିବାରୁ ଚଳପ୍ରଚଳ କରୁଥିବା ଯାନଗୁଡ଼ିକର ଗତି ବୃଦ୍ଧି ପାଇଥାଏ। ସେହି ସ୍ଥାନରେ ବିଦେଶୀ ମଦ ଦୋକାନ ଥିବାରୁ ରାସ୍ତା କଡ଼ରେ ଟ୍ରକ୍ ଓ ଚାରିଚକିଆ ଯାନ ଅଟକି ରହିଥାଏ। ଭିଡ଼ ମଧ୍ୟରେ ୨ ଚକିଆ ଗାଡ଼ି ଚାଳକ ବିପରୀତ ଦିଗରୁ ଆସୁଥିବା ଯାନବାହନ ଉପରେ ନଜର ରଖିପାରି ନ ଥାନ୍ତି। ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ଏନ୍‌ଏଚ୍‌ଆଇ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପାଲବଣିର ପ୍ରବେଶ ପଥରେ ଗଳାପୋଲ ନିର୍ମାଣ ପାଇଁ ବାରମ୍ବାର ସହରବାସୀ ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି କାହାର ଆନ୍ତରିକତା ଦେଖାଯାଉନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଓ ରାଜନେତାମାନେ ସ୍ୱତନ୍ତ୍ର ଦୃଷ୍ଟିଦେଲେ ଦୁର୍ଘଟଣାକୁ ଏଡ଼ାଯାଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

